## ଅଟୋ ଓଲଟି ୨ ଗୁରୁତର

**ଛେଣ୍ଡିପଦା :** ଅନୁଗୋଳ ଜିଲା ଛେଣ୍ଡିପଦା –ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ବନଦୁର୍ଗା ନିକଟସ୍ଥ ବୁଲଣିରେ ଶନିବାର ଏକ ଅଟୋ ଓଲଟି ପଡ଼ିବାରୁ ହାଣ୍ଡିଗୋଡା ଗ୍ରାମର କୁନା ବେହେରା ଓ ମୁନା ସାହୁ ଗୁରୁତର ହୋଇଛନ୍ତି। ବସନ୍ତପୁର ପଞ୍ଚାୟତ ଡେଉଁରିଆଝରଣ ଗ୍ରାମର କେତେଜଣ ଯୁବକ ଭୋଜି କରିବା ପାଇଁ ବନଦୁର୍ଗା ନିକଟକୁ ଆସିଥିଲେ। ଅଟୋରେ ପାଣି ନେଇ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସଂକ୍ଷେପରେ

## ଧାନ କଟାକୁ ନେଇ ମାରପିଟ

ବଇଣ୍ଡା,୨୪।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖଡରାମୁଣ୍ଡା ଗ୍ରାମରେ ଶନିବାର ଧାନ କଟାକୁ ନେଇ ମାଡ଼ପିଟ ହୋଇଛି। ଗ୍ରାମର ଧରଣୀ ନାୟକଙ୍କୁ ସେହି ଗ୍ରାମର କରୁଣା ସେଠୀ ଓ ତାଙ୍କ ଭାଇ ପବିତ୍ର ସେଠୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ଧରଣୀ, ପବିତ୍ର ଓ କରୁଣା ସେହି ଗ୍ରାମର ବିଭୂତି ନାୟକଙ୍କ ଧାନ ବିଲକୁ ଧାନ କାଟିବାକୁ ଯାଇଥିଲେ। ହେଲେ ସେଠାରେ ଧାନ କଟା ସହ ପୂର୍ବ ଶତ୍ରୁତାକୁ ନେଇ ଧରଣୀଙ୍କୁ କରୁଣା ଓ ପବିତ୍ର ମିଶି ମାଡ଼ ମାରିଥିବା ଧରଣୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନମ୍ବର ୩୪୦/୨୨ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ପବିତ୍ର ବିନା କାରଣରେ ତାଙ୍କୁ ଧରଣୀ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୪୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ପୀତାମ୍ବର ମଲ୍ଲିକ ସୂଚନା ଦେଇଛନ୍ତି।

# ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ




### ସୁଶାସନ ସପ୍ତାହ, ପ୍ରଶାସନ ଗାଁଓକି ଔର ସମ୍ପର୍କିତ କର୍ମଶାଳା

ଅନୁଗୋଳ ଅଫିସ,୨୪।୧୨

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁଶାସନ ସପ୍ତାହ, ପ୍ରଶାସନ ଗାଁଓକି ଔର ସମ୍ପର୍କିତ କର୍ମଶାଳା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପୂର୍ବତନ ଜିଲାପାଳ ରଞ୍ଜିତ ମହାନ୍ତି ଯୋଗଦେଇ ଅଧିକାରୀମାନଙ୍କୁ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ଘରୋଇ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟରେ ଅଧିକ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା ପ୍ରକାଶ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ବିଭିନ୍ନ ଯୋଜନା ଉପରେ ଜନସାଧାରଣ କିପରି ସୁବିଧା ନେଉଛନ୍ତି ସେ ନେଇ ମତ ପ୍ରକାଶ କରିଥିଲେ। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପାଲଲହଡା ତହସିଲଦାର ଲମ୍ବୋଦର ମାରାଣ୍ଡି, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭୦ ଗ୍ରାମ୍ ବ୍ରାଉନସୁଗାର ଜବତ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ଅବକାରୀ ବିଭାଗକୁ ପୁଣି ଏକ ବଡ଼ ସଫଳତା ମିଳିଛି। ବ୍ରାଉନସୁଗାର ବେପାରୀ ବାପି ଓରଫ ଶିବାନନ୍ଦ ସାହୁ(୨୬)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨୭ ଲକ୍ଷ ଟଙ୍କା ମୂଲ୍ୟର ୨୭୦ ଗ୍ରାମ ବ୍ରାଉନସୁଗାର ଓ ଏକ କାର (ନଂ. ଓଡି୦୪କେ– ୨୦୪୨) ଜବତ କରାଯାଇଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଏଫ୍‌ସିଆଇ ଥାନା ଗୋବରା ଅଞ୍ଚଳରେ ବାପିଙ୍କ ଘର। ସେ ପୂର୍ବରୁ ବିଭିନ୍ନ ସମୟରେ ବ୍ରାଉନସୁଗାର ଆଣି ଜିଲାରେ ବିକ୍ରି କରିଥାନ୍ତି। ଏ ନେଇ ଅବକାରୀ ବିଭାଗ ନିକଟରେ ଖବର ରହିଥିଲା। ଶନିବାର ସକାଳେ ସେ ବ୍ରାଉନସୁଗାର ଆଣୁଥିବା ସମୟରେ ଅବକାରୀ ବିଭାଗ ପକ୍ଷରୁ କୁକୁଡାଙ୍ଗ ଗାଁ ମୁଣ୍ଡ ଥିବା ପାର୍କ ନିକଟରେ ଚଢ଼ାଉ କରାଯାଇ ବ୍ରାଉନ ସୁଗାର ଜବତ କରାଯାଇଥିଲା। ପଚରା ଉଚରା ସମୟରେ ସେ ଖୋର୍ଦ୍ଧାରୁ ଏହି ନିଶା ସାମଗ୍ରୀ ଆଣି ଅନୁଗୋଳରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏହି ଚଢ଼ାଉରେ ଅବକାରୀ ବିଭାଗ ଜିଲା ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର କୌଶଲ୍ୟା ଜେନାଙ୍କ ସହ ଅନ୍ୟମାନେ ସାମିଲ ଥିବା ସୂଚନା ମିଳିଛି।

## ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ତାଲିମ, ପରାମର୍ଶ ତଥା ସୂଚନା ସମ୍ବନ୍ଧିତ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଉପେନ୍ଦ୍ର ତ୍ରିପାଠୀ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମୁଖ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଜିଲା ସହଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କେନ୍ଦ୍ର ମାଧ୍ୟମରେ ବାକ୍ ଓ ଶ୍ରବଣବାଧିତ ଛାତ୍ରୀଛାତ୍ରମାନଙ୍କୁ ବାଣୀ ପ୍ରଶିକ୍ଷଣ, ମସ୍ତିଷ୍କ ପକ୍ଷାଘାତ ଛାତ୍ରୀଛାତ୍ରଙ୍କୁ ଭୌତିକ ଚିକିତ୍ସା, ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ବ୍ରେଲ ଓ ଗତିଶୀଳତା, ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ କୌଶଳ ତାଲିମ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଜିଲା ସହଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପବାଚସ୍ପତିଙ୍କୁ ବିରୋଧ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକରେ ଥିବା ଶିଳ୍ପାଞ୍ଚଳ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଶିଳାନ୍ୟାସ କରିବାକୁ ଶନିବାର ଯାଇଥିବା ବେଳେ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବସ୍ତି ବାସିନ୍ଦାମାନେ ତାଙ୍କୁ ଘନ ଘନ ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିଦେଇଥିଲେ। କେତେଜଣ ବସ୍ତି ବାସିନ୍ଦା କହିଛନ୍ତି, ରାସ୍ତା ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାଲେ ସେମାନଙ୍କୁ ବାସଚ୍ୟୁତ କରାଯିବ, ସେ ସମ୍ପର୍କରେ ବିଧାୟକଙ୍କୁ ଭେଟି ଗୁହାରୀ କରିଥିଲେ। କିନ୍ତୁ ଉକ୍ତ ୱାର୍ଡରୁ ବିଜେଡିକୁ ଭୋଟ ଯାଇ ନ ଥିବାରୁ ଅଭିଯୋଗ ଶୁଣାଯିବ ନାହିଁ ବିଧାୟକ ରୋକ୍ ଠୋକ୍ କହିଥିଲେ। ଏପରି କି କୌଣସି ସହଯୋଗ କରାଯିବ ନାହିଁ ବୋଲି କହି ହାତ ଟେକିଦେଇଥିଲେ। ଉକ୍ତ ଘଟଣାକୁ ବସ୍ତିବାସିନ୍ଦା ଭୁଲି ନ ଥିବାବେଳେ ଶିଳାନ୍ୟାସ କରିବାକୁ ଆସିଥିବା ବିଧାୟକଙ୍କୁ ବିରୋଧ କରିଥିଲେ। ତେବେ ପରିସ୍ଥିତି ଶାନ୍ତ ପଡ଼ିବା ପରେ ବିଧାୟକ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରି ଫେରିଯାଇଥିଲେ।



## ଶ୍ରମିକଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି



ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ତାଳଚେର, ୨୪।୧୨ (ନି.ପ୍ର.)

କୋଇଲା ଖଣି ରାଷ୍ଟ୍ରୀୟ ମହାସଂଘର ସାଧାରଣ ସମ୍ପାଦକ ଭାବେ ତାଳଚେରର ସୌଭାଗ୍ୟଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ୨୧ ତାରିଖ ସନ୍ଧ୍ୟାରେ ତାଳଚେରଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର କୋଇଲା ଖଣିର ସମସ୍ତ ଓସିଏମ୍‌ଏସ୍ (ଆଇଏନ୍‌ଟିୟୁସି)ର ନେତୃବୃନ୍ଦ ଯୋଗଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭା ଅବସରରେ ନୂଆ ସାଧାରଣ ସମ୍ପାଦକ ପ୍ରଧାନ କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଭଉଣୀଭାଇ ଏବଂ ଅବସରପ୍ରାପ୍ତ ଶ୍ରମିକଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଜମିହରା ପ୍ରଜାମାନଙ୍କ ଉପଯୁକ୍ତ ଥଇଥାନ ଏବଂ ଠିକ୍ ସମୟରେ କ୍ଷତିପୂରଣ ଏବଂ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ଲଢ଼େଇ କରିବେ ବୋଲି ସାଧାରଣ ସମ୍ପାଦକ ପ୍ରକାଶ କରିଥିବା ସଂଘ କେନ୍ଦ୍ରୀୟ କମିଟି ସମ୍ପାଦକ ସୁବ୍ରତ କୁମାର ମାଝି ସୂଚନା ଦେଇଛନ୍ତି।

## ପ୍ଲାଟିନମ୍ ଜୁବିଲି ପାଳନ ପ୍ରସ୍ତୁତି

ଛେଣ୍ଡିପଦା,୨୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚବିଦ୍ୟାଳୟ ପ୍ଲାଟିନିମ ଜୁବୁଲି ପାଳନ କରିବା ପାଇଁ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରାଧ୍ୟାପକ ପ୍ରଦୀପ କୁମାର କର ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ଜାନୁୟାରୀ ୨୨, ୨୩ ଓ ୨୪ ତାରିଖରେ ଏହି ପ୍ଲାଟିନମ ଜୁବୁଲି ପାଳନ କରାଯିବ ବୋଲି କମିଟି ପକ୍ଷରୁ ସ୍ଥିର କରାଯାଇଥିଲା। ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ବୈଠକରେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲଖ ବିହାରୀ ପ୍ରଧାନ, କମିଟି ଉପସଭାପତି ତଥା ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟନାଥ ମାଝି ଓ ଭବାନୀଶଙ୍କର ପ୍ରସାଦ ସାହୁ, ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ସହସମ୍ପାଦକ ଜଳଧର ସେଠୀ, ମୋହନ ଚରଣ ଦେହୁରୀ, କୋଷାଧ୍ୟକ୍ଷ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ, ବିଶ୍ୱନାଥ ଦେହୁରୀ, ବଂଶୀଧର ଦେହୁରୀ, ଜଗତାନନ୍ଦ ସେଠୀ, ତ୍ରିଲୋଚନ ମାଝି, ମିଳନ ମହାପାତ୍ର, ଗଗନ ସାହୁ, ଗଗନବିହାରୀ ପ୍ରଧାନ, ଦାଶରଥି ବାରିକ, ବିଚ୍ଛନ୍ଦ ବେହେରା, ପ୍ରଦୀପ କୁମାର ସାହୁ, ଅନନ୍ତ ଚରଣ ସାହୁ, ଗିରିଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

## ୱାର୍ଡ ଅଫିସ୍ ପାଇଁ ଭୂମିପୂଜନ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳର ୧୯ ନଂ ୱାର୍ଡ ଅଫିସ୍ ପାଇଁ ଭୂମିପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆସନ୍ତା ଫେବୃୟାରୀ ୨୮ ସୁଦ୍ଧା ଅନୁଗୋଳ ପୌରପାଳିକାର ସମସ୍ତ ୱାର୍ଡରେ ଅଫିସ୍ ଖୋଲିବାକୁ ଧାର୍ଯ୍ୟ କରାଯାଇଛି। ୧୯ ନଂ ୱାର୍ଡର କାଉନସିଲର ବଳରାମ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭୂମିପୂଜା କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାଉନସିଲର ଶଙ୍କର ସେଠୀ, ସଦାନନ୍ଦ ପଣ୍ଡା, ସୁଶୀଲ ମୁଖୀ, ଟୁନି ସାହୁ ପ୍ରମୁଖଙ୍କ ସହ ପୌର ନିର୍ବାହୀ ଯନ୍ତ୍ରୀ ରବିନ ଦାସ ଉପସ୍ଥିତ ଥିଲେ। ହେମସୁରପଡ଼ାର ରାଜକିଶୋର ଦଳବେହେରା, ଶରତ ଦଳବେହେରା, ବିଶ୍ୱେଶ୍ୱର ସାହୁ, ମଦନ ଜେନା ଓ ଏସ୍‌ଏଚ୍‌ଜିର ମହିଳାମାନେ ଉପସ୍ଥିତ ଥିଲେ।



ୱାର୍ଡ ଅଫିସ ନିର୍ମାଣର ଭୂମିପୂଜନ କରାଯାଉଛି।

## ୧୨ ଘଣ୍ଟିଆ ପାଲଲହଡ଼ା ବନ୍ଦ

ପାଲଲହଡା,୨୪।୧୨(ଡି.ଏନ.ଏ.)

୧୪୯ ନଂ. ଜାତୀୟ ରାଜପଥର ମରାମତି ଏବଂ ସ୍ଥାନୀୟ ଶିବ ମନ୍ଦିର ଛକଠାରେ ଅଣ୍ଡର ପାସ୍ ନିର୍ମାଣ ଦାବିରେ ଶନିବାର ୧୨ ଘଣ୍ଟିଆ ପାଲଲହଡା ବନ୍ଦ ଡାକରା ଦିଆଯାଇଥିଲା। ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ବନ୍ଦ ଡାକରାକୁ ସ୍ଥାନୀୟ ବ୍ଲକ ବିଜୁ ଜନତା ଦଳ, ବଣିକ ସଂଘ, ଓକିଲ ସଂଘ, ବସ ମାଲିକ ସଂଘ ଏବଂ କେନ୍ଦ୍ରୀୟ ପୂଜା କମିଟି ସମର୍ଥନ କରିଥିଲେ। ନୂଆ ବାଇପାସ ଛକ, କଲେଜ ଛକ ଠାରେ ଆନ୍ଦୋଳନକାରୀ ୪୯ ଏବଂ ୧୪୯ ନଂ.ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଏସ୍. ରାଓ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରି ୩ ମାସ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ଶୀତକାଳୀନ ଶିବିର ଉଦ୍‌ଘାଟିତ



ବଇଣ୍ଡା,୨୪।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପୋଗ୍ରାମ ଅଫିସର ରବିନାରାୟଣ ବେହେରା, ଅଧ୍ୟାପକ ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। କୁଶବଣିଆସାହିକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏଥିରେ ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏନ୍‌ଏସ୍‌ଏସ୍‌ର ପୋଗ୍ରାମ ଅଫିସର ସୁଧାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ କୋଭିଡ ଗାଇଡଲାଇନ ମାନିବାକୁ ପରାମର୍ଶ ଦିଆଯାଇଥିଲା।

**Sibasai Mohapatra, B.Sc., LLB,**
**Muktadeipur Sasan**
**Advocate, P.O. / Dist.: Dhenkanal-759001**

ପ୍ରାପ୍ତେଷୁ:
ଶ୍ରୀ ଦାଶରଥି ଜେନା, ଡ୍ରାଇଭର
ପି.– ୰ମୁରଲୀଧର ଜେନା
ସା.– ଲୁଣୀ, ପୋ. ଇନ୍ଦିପୁର
ଜି.– ଢେଙ୍କାନାଳ–୭୫୯୦୨୫

ମହାଶୟ,

ଏତଦ୍ୱାରା ଆପଣଙ୍କୁ ଅବଗତ କରାଇ ଦିଆଯାଉଛି କି ଆପଣଙ୍କ ବିପକ୍ଷରେ ୟୁଏଲ୍–ଓଡ଼ିଶା (ପ୍ରୋପ୍ରାଇଟର ୟୁଏଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) କାରଖାନା କର୍ତ୍ତୃପକ୍ଷ ଆଣିଥିବା ଅଭିଯୋଗ ଫର୍ଦ୍ଦ (ଚାର୍ଜଶିଟ୍) ସଂଖ୍ୟା DKL:2022–23: PNL: 2167 ତା୨୬।୧୦।୨୦୨୨ରିଖକୁ ରେଜିଷ୍ଟର୍ଡ ଡାକରେ ଆପଣଙ୍କ ପାଖକୁ ପଠାଯାଇଥିବା ବେଳେ ଆପଣ ତାକୁ ପ୍ରତ୍ୟାଖ୍ୟାନ (Refuse) କରି ତାହା ନେବାକୁ ମନା କରିଦେଇଛନ୍ତି। ଉକ୍ତ ବିଜ୍ଞପ୍ତି ପାଇବାର ୭୨ ଘଣ୍ଟା ମଧ୍ୟରେ ଆପଣଙ୍କୁ ଉକ୍ତ ଅଭିଯୋଗ ବିପକ୍ଷରେ କୈଫିୟତ ଦେବାର ଥିଲା, ଯାହାକି ଆପଣ ଦେଇନାହାନ୍ତି । ଏଥିଯୋଗୁ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରାକ୍ ଧାରଣା ହୋଇଛି ଯେ, ଆପଣଙ୍କର ଏ ଅଭିଯୋଗ ସମ୍ବନ୍ଧରେ କୌଣସି ପକ୍ଷ ରଖିବାର ନାହିଁ। କିନ୍ତୁ, ମାନବିକ ନ୍ୟାୟକୁ ଦୃଷ୍ଟିରେ ରଖି ଉକ୍ତ କାରଖାନା କର୍ତ୍ତୃପକ୍ଷ ଆପଣଙ୍କ ନାମରେ ଏକ ବିଧିବଦ୍ଧ ଘରୋଇ ତଦନ୍ତ (Domestic inquiry) କରିବା ପାଇଁ ସ୍ଥିର କରି ଆମ୍ଭଙ୍କୁ (ଶିବସାଇ ମହାପାତ୍ର) ଉକ୍ତ ତଦନ୍ତର 'ତଦନ୍ତ ଅଧିକାରୀ' ରୂପେ ନିୟୋଜିତ କରିଛନ୍ତି, ଯେଉଁଥିରେ ଆମ୍ଭଙ୍କୁ ଉଭୟ ପକ୍ଷର ଉକ୍ତି ଓ ଯୁକ୍ତିକୁ ବିଚାରକୁ ନେଇ ଏକ ନିରପେକ୍ଷ ଅନୁସନ୍ଧାନ ଜନିତ ସିଦ୍ଧାନ୍ତ ନେବାକୁ ହେବ।

ଋତୁପର୍ଣ୍ଣ ମିଶ୍ର, ପର୍ସୋନେଲ ମ୍ୟାନେଜର, କାରଖାନା କର୍ତ୍ତୃପକ୍ଷଙ୍କ ତରଫରୁ ଉକ୍ତ ତଦନ୍ତରେ ପ୍ରତିନିଧିତ୍ୱ କରିବେ। ଆପଣ ମଧ୍ୟ କାରଖାନାର ଆପଣଙ୍କର କୌଣସି ସହଯୋଗୀଙ୍କୁ ଆପଣଙ୍କୁ ଏହି ତଦନ୍ତରେ ସହଯୋଗ କରିବା ପାଇଁ ଡାକି ଆଣି ପାରନ୍ତି । ଆପଣଙ୍କୁ ତଦନ୍ତ ସମ୍ବନ୍ଧୀୟ ସମସ୍ତ କାଗଜାତ ନିରୀକ୍ଷଣ ପାଇଁ ସହଯୋଗ କରାଯିବ। ଉକ୍ତ ତଦନ୍ତରେ ନିଜର ପକ୍ଷ ରଖିବା ହେତୁ ଆପଣ କାରଖାନା ତରଫରୁ ଦେଉଥିବା ସାକ୍ଷୀମାନଙ୍କୁ ଜେରା କରିପାରିବେ ଓ ନିଜର ସାକ୍ଷ୍ୟ / ସାକ୍ଷୀ ମଧ୍ୟ ଦେଇପାରିବେ ।

ଉକ୍ତ ତଦନ୍ତ, ପ୍ରଥମେ ତା୧୨।୧୨।୨୦୨୨ରିଖ, ଦିବା ୧୨ ଘଟିକାରେ କାରଖାନାର କୋରିହାଁ ସ୍ଥିତ ପରିସରରେ ହେବାର ସ୍ଥିର ହୋଇ ଆପଣଙ୍କୁ ଆମ୍ଭ ଦ୍ୱାରା ରେଜିଷ୍ଟର୍ଡ ପୋଷ୍ଟ ଯୋଗେ ବିଜ୍ଞପ୍ତି ଜାରି ହୋଇଥିଲା, ଯାହାକି ଆପଣ ଗ୍ରହଣ କରିବାକୁ ମନା କରି, ଫେରାଇ ଦେଇଥିଲେ । ଉକ୍ତ ଦିନ ଧାର୍ଯ୍ୟ ସମୟରେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଉପସ୍ଥିତ ଥିଲେ ମଧ୍ୟ ସାଧାରଣ ଓ ପ୍ରାକୃତିକ ନ୍ୟାୟକୁ ବିଚାରରେ ରଖି ଆମ୍ଭେ ଏହି ଖବରକାଗଜ ଜନିତ ବିଜ୍ଞପ୍ତି ଜରିଆରେ ଆପଣଙ୍କୁ ପୁନର୍ବାର ଅବଗତ କରାଇଦେବାକୁ ସ୍ଥିରକରି ପୁନର୍ବାର ସୂଚିତ କରାଇଦେଉଛୁ କି ଆସନ୍ତା ତା୭।୦୧।୨୦୨୩ ରିଖ, ଶନିବାର ଦିବା ୧୨ଟା ସମୟରେ କୋରିହାଁ ସ୍ଥିତ କାରଖାନା ପରିସରରେ ଏହି ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନ ମତେ ହାଜର ହୋଇ ଉକ୍ତ ତଦନ୍ତରେ ନିଜକୁ ସାମିଲ କରି ମତ ଓ ପକ୍ଷ ପୋଷଣ କରିବା ହେବେ, ଅନ୍ୟଥା ଏହି ତଦନ୍ତ, ଆପଣଙ୍କ ଅନୁପସ୍ଥିତିରେ ଏକ ତରଫା ପରିଚାଳିତ ଓ ସମ୍ପାଦିତ ହେବ।

**ତଦନ୍ତ ଅଧିକାରୀ**

ଏକକିତା ନକଲ: କାରଖାନା କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଜାରି କରାଗଲା

**ତଦନ୍ତ ଅଧିକାରୀ**

## ପ୍ରତ୍ୟେକ କ୍ଷେତ୍ରରେ ଗଣିତ ଶିକ୍ଷା ଆବଶ୍ୟକ

ବଇଣ୍ଡା,୨୪।୧୨(ଡି.ଏନ.ଏ.)

ପ୍ରାଥମିକସ୍ତରରୁ ଗଣିତ ଶିକ୍ଷାକୁ ସମସ୍ତେ ଗୁରୁତ୍ୱ ଦେବା ଦରକାର। ଗୁରୁବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଅନୁଷ୍ଠିତ ଗଣିତ ଦିବସରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ନନ୍ଦକିଶୋର ମହାକୁଡ଼, ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ କାଳନ୍ଦୀଚରଣ ପ୍ରଧାନ, ଅଧ୍ୟାପକ ଅସିତ ଜେନା, ଅଧ୍ୟାପକ ଶ୍ରବଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସେହିପରି ବଇଣ୍ଡା ଶିଶୁ ମନ୍ଦିରରେ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରୀତିରାଣୀ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଯୋଗ ଦେଇଥିଲେ। ନିରୁପମା ବାରିକ ପରିଚାଳନା କରିଥିବାବେଳେ ବିନିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଏମ୍‌ସିସି ଅବ୍ୟବସ୍ଥା ନେଇ କାଉନସିଲର ଖପ୍ପା

ଅନୁଗୋଳ ଅଫିସ, ୨୪।୧୨

### ଅନୁଗୋଳ ପୌରପରିଷଦ ବୈଠକ

ଅନୁଗୋଳ ପୌରପରିଷଦ ବୈଠକ ଶୁକ୍ରବାର ପୌରପାଳିକା କାଉନସିଲ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ତେବେ ପୌରପାଳିକାରେ ଚାଲିଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) କାର୍ଯ୍ୟରେ ଅବ୍ୟବସ୍ଥା ନେଇ କାଉନସିଲରମାନେ ଖପ୍ପା ହୋଇଥିଲେ। ଏହି କାର୍ଯ୍ୟରେ ନିୟୋଜିତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଠିକ୍ ଭାବେ କାର୍ଯ୍ୟ କରୁନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ସେହିପରି ଅନୁଗୋଳ ସହରରେ ମୁକ୍ତା ଯୋଜନାରେ ଉନ୍ନୟନ କାର୍ଯ୍ୟ କରାଯିବ। ଏଥିରେ ଛୋଟ ପିଲାଙ୍କ ଖେଳ ପଡ଼ିଆ ପାଖରୁ ଆରମ୍ଭ କରି ମୁକ୍ତାକାଶ ବ୍ୟାୟାମଶାଳା, ଫୁଟ୍ ପାଥ୍ ଆଦି ନିର୍ମାଣ କରାଯିବ। ପାଖାପାଖି ୨୫୦ଟି ପ୍ରକଳ୍ପ ଅନୁଗୋଳରେ କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ କାର୍ଯ୍ୟ ଆରମ୍ଭ ହେବ। ସେହିଭଳି ଜିଲା ୩୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ପୌରପାଳିକା ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାକୁ କାଉନସିଲରମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ଉପାଧ୍ୟକ୍ଷା ଅନୁପମା ସାହୁ, ସମସ୍ତ କାଉନସିଲର, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତୀର୍ଥଯାତ୍ରାରେ ଯିବେ ଜିଲାର ୧୩୭ ବରିଷ୍ଠ ନାଗରିକ

ଅନୁଗୋଳ ଅଫିସ, ୨୪।୧୨- ଅନୁଗୋଳ ଜିଲାର ୧୩୭ ଜଣ ବରିଷ୍ଠ ନାଗରିକ ଚଳିତବର୍ଷ ତୀର୍ଥଯାତ୍ରାରେ ଯିବେ। ସେମାନଙ୍କ ସହ ଜିଲା ପ୍ରଶାସନ ପକ୍ଷରୁ ୪ ଜଣ ଏସ୍‌କର୍ଟ ଅଧିକାରୀ ରହିବେ। ଏହି ବରିଷ୍ଠ ନାଗରିକମାନେ ଶିରିଡ଼ି, ନାସିକ୍ ଓ ତ୍ର୍ୟମ୍ବକେଶ୍ୱର ଭ୍ରମଣ କରିବାର ସୁଯୋଗ ପାଇବେ। ଏହି ଯାତ୍ରା ଆସନ୍ତା ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଅନୁଷ୍ଠିତ ହେବ। ଏ ନେଇ ଆଗ୍ରହୀ ବରିଷ୍ଠ ନାଗରିକ(ମହିଳା ଓ ପୁରୁଷ) ଆବେଦନ କରିପାରିବେ। ସେମାନଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ୭୦ରୁ ୭୫ ବର୍ଷର ବ୍ୟକ୍ତି ଜଣେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବକଙ୍କୁ ସହାୟକ ଭାବେ ନେଇପାରିବେ। ତେବେ ସହାୟକଙ୍କ ଅଧା ଖର୍ଚ୍ଚ ବରିଷ୍ଠ ନାଗରିକଙ୍କୁ ବହନ କରିବାକୁ ପଡ଼ିବ। ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ପୂରଣ କରି ନିଜ ଫଟୋ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାରକାର୍ଡ, ବୟସ, ଆର୍ଥିକ ଦୁର୍ବଳ ଶ୍ରେଣୀ ସମ୍ପର୍କିତ ପ୍ରମାଣପତ୍ର ସଂଲଗ୍ନ କରି ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଆସନ୍ତା ୨୯ ତାରିଖ ସୁଦ୍ଧା ଦାଖଲ କରିବାକୁ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ସୂଚନା ଦେଇଛନ୍ତି।

# ୨୯ରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ, ବିଜେଡିର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଜନପ୍ରତିନିଧିଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୨୪।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୯ ତାରିଖରେ ଅନୁଗୋଳ ଗସ୍ତରେ ଆସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବାକୁ ଅନୁଗୋଳ ବିଜେଡି ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ନେଇ ଶନିବାର ଅନୁଗୋଳ ସର୍କିଟ ହାଉସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଧାୟକ ପ୍ରଶାନ୍ତ ମୁଦୁଲି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ତଥା ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ନଳିନୀ ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ସାଏ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ସମବାୟ ସଭାପତି ସନ୍ତୋଷ ପ୍ରଧାନ, ବରିଷ୍ଠ ବିଜେଡି ନେତା ମୀନକେତନ ଅମାନ୍ତ, ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ, ରାଜ୍ୟ ଉପସଭାପତି ସୁଜିତ ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଛାତ୍ର ସଭାପତି ରାଜୀବ ଲୋଚନ ଦାସ ଉପସ୍ଥିତ ଥିଲେ।

## ବଳାତ୍କାର ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୨୪।୧୨

ତାଳଚେର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ଅନୁଗୋଳ କରଡ଼ାଗାଡ଼ିର ସିଦ୍ଧାର୍ଥ ଗଡ଼ନାୟକ(୨୪)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଅଭିଯୁକ୍ତ ସିଦ୍ଧାର୍ଥ ତାଳଚେର ଅଞ୍ଚଳରେ ଜଣେ ମେକାନିକ ଭାବେ କାର୍ଯ୍ୟ କରନ୍ତି। ସେଠାରେ ସେ ଜନୈକା ନାବାଳିକାଙ୍କୁ ବଳାତ୍କାର କରିବା ସହ ବ୍ଲାକମେଲ୍ କରୁଥିଲେ। ଏପରି କି ନାବାଳିକାଙ୍କୁ ସେ ତାଙ୍କ ଘରୁ ଗତମାସରେ ଉଠାଇ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

## ହନୁମାନ ଚାଳିଶା ପାଠ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ସହର ଅମଲାପଡାସ୍ଥିତ ବାସନ୍ତୀ ଦୁର୍ଗାପୂଜା ମଣ୍ଡପଠାରେ ଦ୍ୱିଦିବସୀୟ ୧୦୮ ହନୁମାନ ଚାଳିଶା ପାଠ ଓ ଘୃତ ଯଜ୍ଞ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ହନୁମାନ ଭକ୍ତ ମଣ୍ଡଳୀ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପଣ୍ଡିତ ଉମାକାନ୍ତ ଜୀ ମହାରାଜା ପୌରୋହିତ୍ୟ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ସୁନ୍ଦରାକାଣ୍ଡପାଠ କରାଯାଇଥିଲା।

# କାର୍ଯ୍ୟକ୍ରମ ସଫଳ ପାଇଁ ଆହ୍ୱାନ

## ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ଜାନୁୟାରୀ ୨୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଶନିବାର ଅନୁଗୋଳ ଜିଲା କଂଗ୍ରେସ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଓ କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଯୋଗଦେଇ ହାତ ଯୋଡ଼ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ବୁଥ୍ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲା ଓ ପ୍ରଦେଶ ସ୍ତରରେ ବ୍ୟାପକ କରିବା ପାଇଁ ସଂକଳ୍ପ ନିଆ ଯାଇଥିଲା। ବିଭିନ୍ନ ବ୍ଲକରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି ପାଇଁ ନାମ ଘୋଷଣା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା, ବ୍ଲକ କଂଗ୍ରେସ ସଭାପତି, ଛାମୁଆ ସଙ୍ଗଠନ ସଭାପତି ଓ କର୍ମକର୍ତ୍ତା, ବିଭିନ୍ନ ସେଲ୍‌ର ଅଧ୍ୟକ୍ଷ, ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତାମାନେ।

# କ୍ରିକେଟ୍, ଭଲିରେ ବନ୍ତୋଲ ଚାମ୍ପିୟନ

ତାଳଚେର ୨୪।୧୨ (ନି.ପ୍ର.)

ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତ ତରଫରୁ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ ପ୍ରତିଯୋଗିତାରେ ୮ ଗୋଟି ଟିମ୍ ଓ ଭଲିବଲ୍ ପ୍ରତିଯୋଗିତାରେ ୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। କ୍ରିକେଟ ପ୍ରତିଯୋଗିତାରେ ବହ୍ଲର ଓ ବନ୍ତୋଲ ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ବହ୍ଲର ଚାମ୍ପିୟନ ହୋଇଥିଲା। ସେହିପରି ଭଲିବଲ ମ୍ୟାଚରେ ବନ୍ତୋଲ ଓ ବଙ୍ଗୁ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ବନ୍ତୋଲ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ବନ୍ତୋଲ ସପରଞ୍ଚ ଜୟନ୍ତୀ ଲତା ପ୍ରଧାନ, ସମିତି ସଭ୍ୟା ଅମ୍ରିତା ପାଣି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କାର ବିତରଣ କରିବା ସହିତ ପ୍ରତିଯୋଗିତାକୁ ପୂର୍ଣ୍ଣ ସହଯୋଗ ଦେଇଥିବାରୁ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ୟୁନିୟନ୍ ସ୍ପୋର୍ଟିଂକୁ ଭେଟିବ ଅନୁଗୋଳ କ୍ରିକେଟ୍ କ୍ଲବ



ଅନୁଗୋଳ ଅଫିସ, ୨୪।୧୨

## ଆଜି ଅନୁଗୋଳ କପ୍ ଫାଇନାଲ

ଅନୁଗୋଳ କଦମ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍‌ର ଫାଇନାଲ ମ୍ୟାଚ ରବିବାର ଖେଳାଯିବ। ଅନୁଗୋଳ କ୍ରିକେଟ୍ କ୍ଲବ ଓ କଟକର ୟୁନିୟନ୍ ସ୍ପୋର୍ଟିଂ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳି ଗୌତମ ଗମ୍ଭୀର ଯୋଗଦେବେ ବୋଲି ଅନୁଗୋଳ ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଅନୁଗୋଳ କ୍ରିକେଟ କ୍ଲବ୍ ଓ ଏନ୍‌ଏନ୍‌ସିଏ ଭିଲାଇ ମୁହାଁମୁହିଁ ହୋଇଥିଲେ। ଏନ୍‌ଏନ୍‌ସିଏ ଭିଲାଇ ପ୍ରଥମେ ବ୍ୟାଟିଂ କରି ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ କ୍ରିକେଟ କ୍ଲବ୍ ଆବଶ୍ୟକ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଦଳର ରାକେଶ ଗୋଚ୍ଛାୟତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଡାକ୍ତର ଦୀପକ ଗଡନାୟକ, ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଦିଲୀପ ପ୍ରଧାନ, ବିଭୂତି ସାହୁ, ସୁନୀଲ ସାହୁ, ପ୍ରଫୁଲ୍ଲ ଦାସ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଅତିଥି ଭାବେ ଯୋଗଦେଇଥିଲେ। ମହେଶ ମୁନ୍‌ସୀ ଓ ଅସିତ୍ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ସଦସ୍ୟ ଓ ଅନୁଗୋଳ କପ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାକୁଆକୁ ହରାଇଲା ଅନୁଗୋଳ ବାସନ୍ତୀ

ଅନୁଗୋଳ ଅଫିସ,୨୪।୧୨

ଅନୁଗୋଳ ଜିଲା ସାଉଥ୍ ବଲଣ୍ଡାଠାରେ ୧୪ ତମ ରାଜୁ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସାଉଥ୍ ବଲଣ୍ଡାର ଜୀବନ ଜ୍ୟୋତି ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ଏକଦିବସୀୟ ଦିବାରାତ୍ର ଟୁର୍ନାମେଣ୍ଟରେ ଜିଲାର ୮ଟି ଦଳ ଭାଗ ନେଇଥିଲେ। ନକ୍ ଆଉଟ ପର୍ଯ୍ୟାୟରେ ହୋଇଥିବା ଏହି ପ୍ରତିଯୋଗିତାରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଅନୁଗୋଳ ବାସନ୍ତୀ କ୍ଲବ ଓ ଟାକୁଆ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ହେଲେ ଫାଇନାଲରେ ବାସନ୍ତୀ କ୍ଲବ ଟାକୁଆକୁ ୨୫-୨୨ ଓ ୨୫-୧୭ରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ରାହୁଲଙ୍କୁ ବେଷ୍ଟ ଆଟାକର ଭାବେ ପୁରସ୍କୃତ କରା ଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଅଧିବେଶନର ଦ୍ୱିତୀୟ ଦିନରେ ପଦଯାତ୍ରା

ଅନୁଗୋଳ ଅଫିସ, ୨୪।୧୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଅନୁଗୋଳ ଗାନ୍ଧୀ ମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଚାଲିଥିବା ଅଧିବେଶନର ଦ୍ୱିତୀୟ ଦିନରେ ଦଶହରା ପଡିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ପଦଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିଥିଲେ। ଦଶହରା ପଡିଆରେ ଖୋଲା ଅଧିବେଶନ ମାଧ୍ୟମରେ ଛାତ୍ରନେତାମାନେ ରାଜ୍ୟରେ ଶିକ୍ଷା ସମସ୍ୟା, ପରିବେଶ ସୁରକ୍ଷା, ବେରୋଜଗାର, ସୀମା ସୁରକ୍ଷା, ମହିଳା ସୁରକ୍ଷା, ଜନଜାତିଙ୍କ ସମସ୍ୟା, ଜି-୨୦ ଭାରତର ଅଧ୍ୟକ୍ଷତା ବିଷୟରେ ଭାଷଣ ରଖିଥିଲେ। ଏହି ଖୋଲା ଅଧିବେଶନର ନେତୃତ୍ୱ ଜାତୀୟ ସାଧାରଣ ସମ୍ପାଦକ ଯାଜ୍ଞାଲକ୍ୟ ଶୁକ୍ଳା, ବିରାଜ ବିଶ୍ୱାସ, ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଓ ରାଜ୍ୟ ସମ୍ପାଦକ ଶ୍ରୀମାନ ଅରଜିତ ପଟ୍ଟନାୟକଙ୍କ ନେତୃତ୍ୱ ନେଇଥିବାବେଳେ ୨୫୭ ଛାତ୍ରୀ, ୪୩୬ ଛାତ୍ର, ୨୫ ଅଧ୍ୟାପକ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

## ଦୁର୍ଘଟଣାରେ ମହିଳା ମୃତ

ଅନୁଗୋଳ ଅଫିସ, ୨୪।୧୨

ଅନୁଗୋଳ ସଦର ଥାନା କାଙ୍ଗୁଲା ତିଅର ସାହିର ମହିଳା ଚାନ୍ଦମଣି ସେଠ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହାକୁ ନେଇ କାଙ୍ଗୁଲାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ କହିଛି, ଚାନ୍ଦମଣି ଶନିବାର ସନ୍ଧ୍ୟାରେ କାଙ୍ଗୁଲାରେ ଥିବା ଗ୍ରାହକସେବା କେନ୍ଦ୍ରକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ଦ୍ରୁତ ଗତିରେ ଯାଉଥିବା ଏକ ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

# ଭଲିବଲ ଟୁର୍ନାମେଣ୍ଟ: ଟେଣ୍ଟୁଲୋଇ ଚାମ୍ପିୟନ

ଛେଣ୍ଡିପଦା, ୨୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ରାଜସ୍ୱ ବିଭାଗ ବଙ୍ଗଳା ପଡ଼ିଆଠାରେ ଶୁକ୍ରବାର ଉତ୍କଳ ୟୁଥ୍ କ୍ଲବ ପକ୍ଷରୁ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜରପଡା ପତିତପାବନ ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଦୁର୍ଗାପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଲମ୍ବୋଦର ସାହୁ, ଗ୍ରାମ ସଭାପତି ଗୋବିନ୍ଦ ଶତପଥୀ, ସମବାୟ ସମିତି ସମ୍ପାଦକ ସରୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ଟେଣ୍ଟୁଲୋଇ ଟିମ୍ ଓ ନିଶି କ୍ଲବ ପୋଡାପଡା ମଧ୍ୟରେ ଖେଳାଯାଇଥିଲା। ଏଥିରେ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଟେଣ୍ଟୁଲୋଇ ଟିମ୍ ୨-୧ ସେଟ୍‌ରେ ନିଶି କ୍ଲବକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାଜ କିଶୋର ନାଏକ, ସମିତି ସଭ୍ୟା ରେଣୁବାଳା ସାହୁ, ଗ୍ରାମ ଉପ ସଭାପତି ଦିଲୀପ କୁମାର ପ୍ରଧାନ, ଦିଲୀପ କୁମାର ସାହୁ, ଭୋଳେଶ୍ୱର ଗୋଚ୍ଛାୟତ, ଗ୍ରାମ ସମ୍ପାଦକ ଦୁଃଶାସନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଜତ ଜୟନ୍ତୀ ଉପଲକ୍ଷେ ସିଲଭେଥନ

ତାଳଚେର ୨୪।୧୨ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେରର ଡିଏଭି ଜଗନ୍ନାଥ କ୍ଷେତ୍ରରେ ଆଗାମୀ ରଜତ ଜୟନ୍ତୀ ଉପଲକ୍ଷେ ସିଲଭେଥନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଏଏଫଏମ୍ ସି.ଆର. ଦାସ, ବିଦ୍ୟାଳୟର ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ, ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣଦୌଡ, ସାଇକେଲ ରାଲି, ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବାରେ କୋଲିଆରୀ ଥାନା ଅଧିକାରୀ ଏବଂ ଏମ୍‌ସିଏଲର ଆମ୍ବୁଲାନ୍ସ ସେବା ସହଯୋଗର ହାତ ବଢ଼ାଇଥିଲେ।



ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ରମାନେ।

# ଜିଲାବ୍ୟାପୀ ସତ୍ୟାଗ୍ରହ କରିବ ଭାଜପା

ଅନୁଗୋଳ ଅଫିସ, ୨୪।୧୨

ଆସନ୍ତା ୨୬ ତାରିଖ ବିଜେଡି ପ୍ରତିଷ୍ଠା ଦିବସରେ ଅନୁଗୋଳ ଜିଲାର ୩୧ଟି ସ୍ଥାନରେ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯିବ। ଶନିବାର ଦଳୀୟ କାର୍ଯ୍ୟାଳୟଠାରେ ଜିଲା ଭାଜପାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ସୂଚନା ଦିଆଯାଇଛି। ଜିଲା ସଭାପତି ତିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ଆସିବେ ବୋଲି ତାଳଚେର ମହାବିଦ୍ୟାଳୟ ପଡିଆରେ ଥିବା ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୨୩ବର୍ଷ ପୁରୁଣା ସ୍ମୃତି ମଣ୍ଡପକୁ ଯେଉଁଭଳି ଭାବେ ବିଜୁ ଜନତା ଦଳର ହାତବାରିସି ସାଜି ପ୍ରଶାସନ ଭାଙ୍ଗିଦେଲା ତାହାକୁ ଭାଜପା ଘୋର ନିନ୍ଦା କରୁଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଉକ୍ତ ବୈଠକରେ ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଭାଗୀରଥି ପ୍ରଧାନ ଓ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ୨୩ ବର୍ଷର ବିଜୁ ଜନତା ଦଳର ଶାସନରେ ରାଜନୀତିରେ ଅପରାଧୀକରଣ ସୃଷ୍ଟି କରିବା, ଏବଂ ସବୁ କ୍ଷେତ୍ରରେ ସବୁ ଅପରାଧରେ ବିଜେଡି ନେତାମାନେ ସମ୍ପୃକ୍ତ ଥିବାର ପ୍ରମାଣ ମିଳୁଥିବା ବେଳେ ଅଭିଯୁକ୍ତମାନଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ଡିସେମ୍ବର ୨୬ ବିଜେଡି ପ୍ରତିଷ୍ଠା ଦିବସରେ ଭାଜପା ଅନୁଗୋଳ ଜିଲା ସାରା ସତ୍ୟାଗ୍ରହ କରିବ ବୋଲି ଭାଜପା କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଯଯାତି ପଟ୍ଟନାୟକ, ଦିଲୀପ ପ୍ରଧାନ, ଅମିୟ ତ୍ରିପାଠୀ, ବସନ୍ତ ମଞ୍ଜରୀ ପ୍ରଧାନ, ସୁଦୀପ୍ତ ସ୍ୱାଇଁ, ବିଜୟ ମାଝି, ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ସମେତ ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି ମଣ୍ଡଳ ପ୍ରଭାରୀ ଓ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅନୁଗୋଳ ଜିଲା ଭାଜପାର କର୍ମକର୍ତ୍ତାମାନେ।

## କଟକ ସ୍ମାଇଲ୍ ଫାଇନାଲରେ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ଯୋରନ୍ଦାରେ ଚାଲିଥିବା ୨୭ତମ ମହାବୀର କପ୍ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଏମ୍‌ସିସି କାମାକ୍ଷାନଗରକୁ ହରାଇ କଟକ ସ୍ମାଇଲ୍-୧୧ ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ଦଳର ୧୭୨ ରନ୍ ଜବାବରେ କାମାକ୍ଷାନଗର ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ରବିବାର ଢେଙ୍କାନାଳ ଓ କଟକ ସ୍ମାଇଲ ମଧରେ ଫାଇନାଲ ମ୍ୟାଚ୍ ଖେଳାଯିବ।

## ସଂକ୍ଷେପରେ

### ୪ ବିଭାଗରେ ମନୀଷା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୨୪।୧୨:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଯୁକ୍ତ୨ ଛାତ୍ରୀ ମନୀଷା ମାରାଣ୍ଡି ୪ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି କଲେଜ ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ସଂଯୋଜକ ତପନ ସେଠୀ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଡ. ଭୂପେଶ ଚନ୍ଦ୍ର ସାହୁ, ଡ. ଦିଲୀପ ମଲ୍ଲିକ, ଡ. ମଞ୍ଜୁଲିକା ନାୟକ, ପ୍ରକାଶ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଡ. ଅନିରୁଦ୍ଧ ଖିଲାର, ଡ. ପ୍ରଶାନ୍ତ ପରିଡ଼ା, ଡ. ସାରଦା ପ୍ରସନ୍ନ ପତି ପ୍ରମୁଖ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ।



### ଗଡ଼ିଲା ମିଲେଟ୍ ରଥ

**ଭୁବନ, ୨୪।୧୨(ଡି.ଏନ୍.ଏ.):** ମିଲେଟ୍‌ର ପୁଷ୍ଟିକର ଗୁଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭୁବନ ବ୍ଲକରେ ଗଡ଼ିଛି ମିଲେଟ୍ ରଥ। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଡିଓ ସୌରଭ କଲ୍ୟାଣ ଦାସ, କୃଷି ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ବ୍ଲକ ପ୍ରକଳ୍ପ ସଂଯୋଜିକା ରାମେଶ୍ୱରୀ ଗୁରୁ, ସହ ସଂଯୋଜକ ରାହୁଲ ରୋଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅରିଜିତ ଏବିଭିପି ରାଜ୍ୟ ସମ୍ପାଦକ

**ଢେଙ୍କାନାଳ ଅଫିସ, ୨୪।୧୨:** ଢେଙ୍କାନାଳ କଲେଜର ପୂର୍ବତନ ଛାତ୍ର ନେତା ଅରିଜିତ ପଟ୍ଟନାୟକ ଏବିଭିପି ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ୪୭ତମ ରାଜ୍ୟ ଅଧିବେଶନରେ ଏହା ଘୋଷଣା କରାଯାଇଛି। ରୁଦ୍ରନାରାୟଣ ପାଣି, ନରେଶ ଚନ୍ଦ୍ର ମହାପାତ୍ର, ଦିଲୀପ ଦାସ, ପ୍ରେମାନନ୍ଦ ଜେନା, ବାବୁଚାନ୍ଦ ମହାଲିକ, ରମେଶ ଚନ୍ଦ୍ର ସାମଲ, ସନ୍ତୋଷ କର, ଶିକ୍ଷାବିତ୍ ଡ. ସମୀର ସାହୁ, ଆଇନଜୀବୀ ପଦ୍ମଭୂଷଣ ସାହୁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅରିଜିତ୍ ହେଉଛନ୍ତି ଆଇନ୍‌ଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ଓ ଉଷାରାଣୀ ଦାସଙ୍କ ପୁତ୍ର।



### ଫାଇନାଲରେ ରାଉରକେଲା

**ଢେଙ୍କାନାଳ ଅଫିସ, ୨୪।୧୨:** ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ା ରୟାଲ ଟାଇଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର 'ୟୁ ଆଣ୍ଡ ମି'କୁ ହରାଇ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ବାଲେଶ୍ୱର ୧୮ ଓଭରରେ ୧୨୮ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ୨ ଉଇକେଟ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା। ପ୍ରିୟବ୍ରତ ମିଶ୍ର, ସବ୍ୟସାଚୀ ଶାହା ମ୍ୟାଚ ପରିଚାଳନା କରିଥିଲେ। ରବିବାର କସ୍‌ମସ୍ ଢେଙ୍କାନାଳ ଏବଂ ରାଉରକେଲା ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ପଦ୍ମଶ୍ରୀ ରଞ୍ଜନା ଗୌହରଙ୍କୁ 'ସପ୍ତଶଯ୍ୟା ସମ୍ମାନ'

### ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୪।୧୨**


ପଦ୍ମଶ୍ରୀ ରଞ୍ଜନା ଗୌହରଙ୍କୁ 'ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରାଯାଉଛି।

ସାଂସ୍କୃତିକ ଅନୁଷ୍ଠାନ 'ଦେବାଂଶୀ ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଛି 'ସପ୍ତଶଯ୍ୟା ମହୋତ୍ସବ'। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଳା ସଂସ୍କୃତିକୁ ବର୍ଷତମାମ ସାଉଁଧିରି ଢେଙ୍କାନାଳ ସମଗ୍ର ରାଜ୍ୟରେ ନିଜର ନିଆରା ପରମ୍ପରା ସୃଷ୍ଟି କରିଛି ବୋଲି ସେମାନେ ମତ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ରାଜ୍ୟ ସରକାରଙ୍କ ସହଯୋଗରେ ଜିଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ କାର୍ଯ୍ୟ ଜାରି ରହିଛି। କଳା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ରଞ୍ଜନା ଗୌହରଙ୍କୁ 'ସପ୍ତଶଯ୍ୟା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ପ୍ରତିକ୍ରିୟାରେ ରଞ୍ଜନା କହିଲେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଢେଙ୍କାନାଳ ପ୍ରକୃତିର ବରଦାନ। ଏଠାକାର ପରିବେଶ ଏବଂ ଆତିଥେୟତା ତାଙ୍କୁ ଆନନ୍ଦିତ କରିଥିବା ସେ କହିଛନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂକିଶୋର, ପମି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନୁଷ୍ଠାନର ସଭାପତି ଶାନ୍ତି ମିଶ୍ରଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ମିଶ୍ର, ପ୍ରାର୍ଥନା ତରଙ୍ଗ ମ୍ୟୁଜିକ୍ ଚ୍ୟାନେଲ ମୁଖ୍ୟ ଶ୍ୟାମ ପ୍ରସାଦ ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ଉତ୍କଳ ଆଜବେଷ୍ଟସ୍ ୱାର୍କ୍ସ ମ୍ୟାନେଜର କ୍ଷୀରୋଦ ବେହେରା, 'ପରିଚୟ'ର ପ୍ରତିଷ୍ଠାତା ରୋଜାଲିନ ପାଟସାହାଣୀ ମିଶ୍ର, ବିଶିଷ୍ଟ ଚିତ୍ର ବିଶେଷଜ୍ଞ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଗୁରୁ ଗୌରୀଶଙ୍କର ଦାସ ଉତ୍ସବର ଉଦ୍ଦେଶ୍ୟ ବଖାଣିଥିଲେ। ଏହି ଅବସରରେ ଗୁରୁ ଗୌରୀଶଙ୍କରଙ୍କ ଅଭିନୀତ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ବାଲମୀ'ର ପୋଷ୍ଟର ରିଲିଜ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କବିଭୂଷଣଙ୍କ ଭଜନ ଅମଳିନ

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଭଜନାବଳୀ ଶନିବାର ଉନ୍ମୋଚିତ ହୋଇଛି। ବଡ଼ଜେନା ସାହିତ୍ୟ ସଂସଦ ସଭାପତି ତଥା ପ୍ରକାଶକ ଶଙ୍କର୍ଷଣ ଶତପଥୀ ଏହାର ଶୁଭ ଉନ୍ମୋଚନ କରିଥିଲେ। କବିଭୂଷଣ ସ୍ମୃତି ସଂସଦ, ବଡ଼ଜେନା ସାହିତ୍ୟ ସଂସଦ ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଏହି ଭଜନାବଳୀରେ କବିଙ୍କ ବହୁ ପୁରାତନ ଭଜନ ସ୍ଥାନିତ ହୋଇଛି। ଗ୍ରାମ କମିଟି ସଭାପତି ଅମ୍ବୁଜ ଶତପଥୀଙ୍କ ସଭାପତିତ୍ୱରେ ସାହିତ୍ୟ ଏକାଡେମୀ ସଦସ୍ୟା ପୁଷ୍ପଲତା ରଥ, କବି ମନୋରଞ୍ଜନ ନନ୍ଦ ଯୋଗଦେଇ କହିଲେ, କବିଭୂଷଣଙ୍କ ଭଜନ ଅମଳିନ ହୋଇ ରହିଛି। ଅଦ୍ୟାବଧି ଏହାର ପାଠକୀୟ ଆଦୃତି ରହିଛି। ନିରୋଦ ସାମଲ କବିଭୂଷଣଙ୍କ ପ୍ରିୟ ଭଜନ 'ଆରେ ମୋର ପ୍ରିୟ ନାଉରି' ଗାନ କରିଥିଲେ। ବିରଞ୍ଚି ନାରାୟଣ ହୋତା, ଶିଳ୍ପୀ ପରେଶ ପଟ୍ଟନାୟକ, ରଶ୍ମିତା ରାଉତ, ପଙ୍କଜ ପଣ୍ଡା, ଦେବାନନ୍ଦ ପଣ୍ଡା, ଅଭିରାମ ଦାଶ, ପଠାଣି ପଣ୍ଡା ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ସପ୍ତଶଯ୍ୟା ନିକଟ ଜଗନ୍ନାଥ ମଠର ସାଧ୍ୱୀ ସୁରମା ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଭଜନାବଳୀ ଲୋକାର୍ପଣ ଉତ୍ସବରେ ଅତିଥିମାନେ।

# ଲଢ଼େଇ କରି ହାରିଲା ଭୁବନ



### ଆନ୍ତଃକଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରନର୍ସଅପ୍

**ଭୁବନ, ୨୪।୧୨(ଡି.ଏନ.ଏ.)**

କଟକସ୍ଥିତ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଲଢ଼େଇ କରି ପରାସ୍ତ ହୋଇଛି ଭୁବନ ବାଜି ରାଉତ କଲେଜ ଟିମ୍। ଦଳର ଖେଳାଳିମାନେ ମ୍ୟାଚ୍ ଜିତିବାକୁ ପ୍ରାଣପଣେ ଉଦ୍ୟମ କରିଥିଲେ ହେଁ ବିଜୟ ଲକ୍ଷ୍ୟଠାରୁ ୧୦ ରନ୍ ଦୂରରେ ରହିଯାଇଥିଲେ। ଫଳରେ ଦଳ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

ଫାଇନାଲ୍ ମ୍ୟାଚ୍‌ରେ ଚଣ୍ଡିଖୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୩ ରନ୍ ସଂଗ୍ରହ କରିଥିଲା। ସଚିନ ସାହୁ ୧୨୦ ରନ୍ କରିଥିଲେ। ଜବାବରେ ଭୁବନ ୬ ଉଇକେଟ ହରାଇ ୨୩୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଲୋଟସ ଗୁରୁ ୮୫ ରନ୍ କରିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ତେବେ ଉତ୍କଳ ବିଶ୍ୱବିଦ୍ୟାଳୟସ୍ତରରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବାରୁ କଲେଜ ଅଧକ୍ଷ ଅଜିତ୍ କୁମାର ବେହେରା ଟିମ୍ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲା।

# ତେଲ ଟ୍ୟାଙ୍କର ଧକ୍କାରେ ବୃଦ୍ଧ ଗୁରୁତର, ଉତ୍ତେଜନା

**ପରଜଙ୍ଗ, ୨୪।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବାରିହାପୁର ଛକରେ ଶନିବାର ଏକ ତେଲ ଟ୍ୟାଙ୍କର (ନଂ. ଓଡ଼ି ୩୫ ଜି ୪୪୫୩) ଧକ୍କାରେ କନ୍ଥୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ବୃଦ୍ଧ ତ୍ରିନାଥ ନାଏକ ଗୁରୁତର ହୋଇଛନ୍ତି। ସେ ସାଇକେଲରେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇ ଟ୍ୟାଙ୍କରଟି ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପିଁଡିରି ଛକ ନିକଟରୁ ଧରାପଡ଼ିଛି। ପୋଲିସ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଥିବା ଏଏସ୍‌ଆଇ ସୁରେଶ ଚନ୍ଦ୍ର ଧଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଦୁର୍ଘଟଣା ପ୍ରତିବାଦରେ ଅଞ୍ଚଳବାସୀ ଅପରାହ୍ନ ୫ଟାରୁ ୭ଟା ଯାଏ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଉକ୍ତ ବ୍ୟସ୍ତବହୁଳ ସଡ଼କରେ ଛୋଟବଡ଼ ଦୁର୍ଘଟଣା ଘଟିଲେ ଲୋକମାନେ ରାସ୍ତା ଅବରୋଧ କରୁଛନ୍ତି, ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

# ରାଜ୍ୟରେ ମହିଳା ଅସୁରକ୍ଷିତ


ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକରେ ଦଳୀୟ ନେତୃବୃନ୍ଦ।

### ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ଜିଲା ଭାଜପା ମହିଳା ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଦଳୀୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସିଥିବା ରାଷ୍ଟ୍ରୀୟ ସଦସ୍ୟା ଆୟୁଷୀ ଶ୍ରୀମାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭାଜପା ସରକାର ଥିବା ରାଜ୍ୟରେ ମହିଳାଙ୍କ ଭୋଟ ଦଳକୁ ମିଳିଛି। ୨୦୨୪ ନିର୍ବାଚନରେ ଢେଙ୍କାନାଳ ଜିଲାରେ ଯେପରି ଭାଜପାକୁ ଅଧିକ ମହିଳା ଭୋଟ ମିଳିବ ସେଥିଲାଗି ଗୁରୁତ୍ୱ ଦେବାକୁ ସେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ମହିଳା ହିଂସା ବଢ଼ିଚାଲିଛି। ଏହାକୁ ନେଇ ଜନମତ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ନିରୋଜ ନଳିନୀ ମହାଳିକ, ନବକିଶୋର ଗୁରୁ, ଯଶସ୍ୱିନୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୁଥ୍‌ସ୍ତରରେ କେନ୍ଦ୍ରୀୟ ଯୋଜନାର ଲାଭ ପହଞ୍ଚାଇବାକୁ ନିବେଦନ କରିଥିଲେ। ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ, ଅର୍ଚ୍ଚନା ନାଗ ମାମଲାରେ ପୋଲିସର ସନ୍ଦେହଜନକ ଭୂମିକା, ଜିଲାରେ ଧାନମଣ୍ଡି ନ ଖୋଲିବା ଆଦି ୧୫ ଦଫା ସମ୍ବଳିତ ଏକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇଥିଲା। ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଶୁକ୍ରବାର ଭୁବନ ବାଜି ରାଉତ ସ୍ମୃତି ପରିଷଦ ସଭାଗୃହରେ ଅନୁଷ୍ଠିତ ପ୍ରବାସ କାର୍ଯ୍ୟକ୍ରମରେ ଶ୍ରୀମାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# କସ୍‌ମସ୍‌କୁ ହରାଇଲା କେନ୍ଦୁଝର



**ଭୁବନ, ୨୪।୧୨(ଡି.ଏନ.ଏ.)**

ଭୁବନ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ଖେଳାଯାଇଥିବା ୩ୟ ଲିଗ୍ ମ୍ୟାଚ୍‌ରେ ଢେଙ୍କାନାଳ କସ୍‌ମସ୍ କ୍ରିକେଟ୍ ଦଳକୁ ହରାଇ କେନ୍ଦୁଝର ୟୁନିକ୍ ବିଜୟୀ ହୋଇଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ମାତ୍ର ୯୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚନ୍ଦନ ମହାପାତ୍ର ଏକମାତ୍ର ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ୪୬ ରନ୍ କରିଥିଲେ। ଜବାବରେ କେନ୍ଦୁଝର ମାତ୍ର ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୩୪ ରନ୍ କରିବା ସହ ୨ଟି ଉଇକେଟ ନେଇଥିବା ଆଶୁତୋଷ ଶାହା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଶୁତୋଷ ପାଣି, ଦ୍ୱିଜେନ୍ଦ୍ର ଘୋଷ ଅମ୍ପାୟରିଂ କରିଥିବାବେଳେ ସୂର୍ଯ୍ୟପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଗ୍ରୁପ୍-'ଏ'ରୁ କଟକ ଏବଂ କେନ୍ଦୁଝର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# କିସମ ପରିବର୍ତ୍ତନ ପାଇଁ ହନ୍ତସନ୍ତ

**ଢେଙ୍କାନାଳ ଅଫିସ,୨୪।୧୨**

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟରେ ଜମି କିସମ ପରିବର୍ତ୍ତନ ଲାଗି ଜନସାଧାରଣ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରାଯାଇଛି। ଜାତୀୟ ରାଜପଥ ସଂଲଗ୍ନ ଏକ ମାହାରାକୁ ଘରବାରି କିସମକୁ ପରିବର୍ତ୍ତନ କରିବା ପାଇଁ ଜଣେ ବ୍ୟକ୍ତିଙ୍କ ଆବେଦନକୁ ଖାରଜ କରାଯାଇଥିବା ଅଭିଯୋଗ ହୋଇଛି। ତେବେ କେଉଁ ନିର୍ଦ୍ଦିଷ୍ଟ ଆଇନ ଆଧାରରେ ଜମି କିସମ ପରିବର୍ତ୍ତନ ପାଇଁ ଆବେଦନକୁ ଖାରଜ କରାଗଲା ତାହା ସ୍ପଷ୍ଟ କରାଯାଉନାହିଁ। ଏ ଦିଗରେ ଅଧିକାରୀ ସଚେତନ ହେବାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସରୋଜ ଶତପଥୀ, ଉମ୍ବରୁଧର ପଣ୍ଡା, ଦଣ୍ଡପାଣି ଦାସ, ଦେବ ପ୍ରସାଦ ମିଶ୍ର, ବାହାଦୁର ପାଟସାହାଣୀ ପ୍ରମୁଖ ଦାବି କରିଛନ୍ତି।

# ରକ୍ତଦାନ କଲେ ଯବାନ

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ଜିଲା ସରଖିଆସ୍ଥିତ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ (ଓଏସ୍‌ଏପି) ପ୍ରଥମ ବାଟାଲିୟନ ପରିସରରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ସୁଧୀର କୁମାର ସାମଲ ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ଓ ଡ. ଅଶୋକ କୁମାର ଦାଶ, ଓଏସ୍‌ଏପି ଦୁର୍ଗପତି ସୁନୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ପରିଷଦ ସଦସ୍ୟା ଝରସ୍ମିତା ଦେହୁରୀ ରକ୍ତଦାନ କରି ଶିବିର ଶୁଭାରମ୍ଭ କରିଥିଲେ। ଏହା ପରେ ଯବାନମାନେ ରକ୍ତଦାନ କରିଥିଲେ। ଯୁବନେତା ବିଭୁପ୍ରସାଦ ଦେହୁରୀ, ସିପାହି ସଂଘ ସମ୍ପାଦକ ଅଭିଷେକ ମିଶ୍ର, ବିଶ୍ୱଜିତ୍ ନାୟକ, ସିପାହି ଓ ହାବିଲଦାର ସଂଘର ପଦସ୍ଥ କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ। ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ରାକେଶ ସାହୁ, ତପନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଓଏସ୍‌ଏପିର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


ରକ୍ତଦାନ ଶିବିରରେ ବିଧାୟକ, ଓଏସ୍‌ଏପି ଅଧିକାରୀଙ୍କ ସମେତ ଅନ୍ୟମାନେ।

# ସରିଲା ସନାତନ ଧର୍ମ ସମ୍ମିଳନୀ

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଚାଲିଥିବା ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ୩ ଦିନିଆ ସନାତନ ଧର୍ମ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ସଂସ୍କୃତିର ଅଭିବୃଦ୍ଧିରେ ଠାକୁରଙ୍କ ଅବଦାନ ରହିଛି। ସେ ଏକାଧାରାରେ ଜଣେ କବି, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଥିଲେ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଶକ୍ତିଧାମ କରମଳା ଆଶ୍ରମର ବାବାଜୀ ଶେଷଦେବ ଦାସ, ହରିଶଙ୍କର ଦାସ, ରତ୍ନାକର ଦାସ, ଚିନ୍ମୟାନନ୍ଦ ଦାସ, ରାଧାରମଣ ଦାସ, ପାର୍ଥସାରଥି ମହାନ୍ତି ପ୍ରମୁଖ ପ୍ରବଚନ ଦେଇଥିଲେ। ପୁରୀ ହରିହରାନନ୍ଦ ଗୁରୁକୁଳ ଆଶ୍ରମର ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ଆଞ୍ଜନେୟାନନ୍ଦ ଗିରି, ବ୍ରହ୍ମଚାରୀ ଦିବ୍ୟାନନ୍ଦଜୀ ଯୋଗଦେଇଥିଲେ। ଶେଷରେ ଜଗତ କଲ୍ୟାଣ ପାଇଁ ଉଦଣ୍ଡ କୀର୍ତ୍ତନ କରାଯାଇଥିଲା। ଜିଲା ଭକ୍ତମଣ୍ଡଳୀ ସଭାପତି ସୁଧାକର ଜେନା, ସମ୍ପାଦକ ହୃଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥମାନେ।

# ଅତିଷ୍ଠ କଲାଣି ହାତୀ ଉପଦ୍ରବ

### ଉଜୁଡ଼ିଲା ୫ ଏକର ଫାର୍ମହାଉସ୍

**ପରଜଙ୍ଗ, ୨୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ହାତୀ ଉପଦ୍ରବ ହାହାକାର ସ୍ଥିତି ସୃଷ୍ଟି କରିଛି। ଖାଲପାଳ ଅଞ୍ଚଳରେ ଡେରା ପକାଇଥିବା ୫୦ରୁ ୬୦ ହାତୀ ଏବେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଆମ୍ବପଳାସ, ରୋଡ୍, କୁଆଳୋ, ନୟାକୁଆଳୋ, କୁଲେଇ ଅଞ୍ଚଳମୁହାଁ ହୋଇଛନ୍ତି। ଏକାସଙ୍ଗରେ ବିଭିନ୍ନ ସ୍ଥାନରେ ଏଭଳି ହାତୀ ଉପଦ୍ରବ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି। ହାତୀପଲ ଦ୍ୱାରା ବ୍ୟାପକ ଫସଲହାନି ଚାଷୀଙ୍କୁ ଅତିଷ୍ଠ କରି ପକାଇଥିବାବେଳେ ପୁଞ୍ଜୀଭୂତ ଅସନ୍ତୋଷ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି।

କୁଆଳୋ ପଞ୍ଚାୟତ ନୟାକୁଆଳୋ ଗ୍ରାମରେ ପଲରୁ ଅଲଗା ହୋଇଥିବା ଏକ ଦନ୍ତା ଶୁକ୍ରବାର ରାତିରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଉକ୍ତ ହାତୀ ରଜନୀକାନ୍ତ ସାହୁଙ୍କ ୫ ଏକର ବିଶିଷ୍ଟ ଫାର୍ମହାଉସ୍ ଉଜାଡ଼ି ଦେଇଛି। ୫୦୦ରୁ ଊର୍ଦ୍ଧ୍ୱ କଦଳୀ ଗଛ, ୫୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ସହ ୨ ଏକର ଜମିରେ କରାଯାଇଥିବା ପରିବା ଫସଲ ଦଳିଚକଟି ନଷ୍ଟ କରିଦେଇଛି। ସେହିପରି ଗୁରୁବାର ମୃତଦେହ ଦାହ କରିବାକୁ ଯାଉଥିବାବେଳେ ଉକ୍ତ ଦନ୍ତା ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଏବେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିପରି କେଳାରୋଡ୍ ଗ୍ରାମରେ ହାତୀ ଆକ୍ରମଣରେ ଏକ ମଇଁଷିର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

ବନ ବିଭାଗ ହାତୀ ଘଉଡ଼ାଇବା ଲାଗି ଯଥାସାଧ୍ୟ ଉଦ୍ୟମ କରୁଥିଲେ ମଧ୍ୟ ସବୁ ବିଫଳ ହେଉଛି। ତେଣୁ ଜିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍‌କୁ ଏଥିରେ ମୁତୟନ କରିବା ଲାଗି ସାଧାରଣରେ ଦାବି ହେଉଛି।



ଦନ୍ତା ଉପଦ୍ରବରେ ଉଜୁଡ଼ିଯାଇଥିବା ଫାର୍ମହାଉସ୍।

# ବଗିଚାରେ ଜୁଆଖେଳ, ୪ ଗିରଫ

**ଢେଙ୍କାନାଳ ଅଫିସ, ୨୪।୧୨**

ଢେଙ୍କାନାଳ ସହରସ୍ଥିତ କୋରିଆଁ ନିକଟ ଏକ ପିଜୁଳି ବଗିଚାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଶୁକ୍ରବାର ରାତି ସାଢ଼େ ୯ଟାରେ ଟାଉନ ଥାନା ଓ ଷ୍ଟେଶନ ରୋଡ୍ ଫାଣ୍ଡି ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାଞ୍ଚନବଜାର ଅଞ୍ଚଳର ମଙ୍ଗୁଳିଆ ସେଠୀ (୩୦), ମାଣ୍ଡବାସାହି ଅଞ୍ଚଳର ଚନ୍ଦ୍ରକାନ୍ତ ସାହୁ (୪୧), ସୁଧାକର ସାହୁ (୫୪) ଏବଂ କୋରିଆଁ ଅଞ୍ଚଳର କୁନା ରାଉଳ (୩୮)। ଘଟଣାସ୍ଥଳରୁ ୬ ବାଇକ୍, ୫ ମୋବାଇଲ, ନଗଦ ୫୪,୮୨୦ ଟଙ୍କା, ତାସ୍ ସମେତ ଅନ୍ୟାନ୍ୟ ଉପକରଣ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୬୯୬/୨୨ରେ ମାମଲା ରୁଜୁ କରାଯାଇଛି।


ଗିରଫ ଅଭିଯୁକ୍ତ, ଜବତ ବାଇକ୍ ଏବଂ ଅନ୍ୟ ସାମଗ୍ରୀ।

# ଘରୁ ଟାଣିଆଣି ଦଳିଦେଲା ହାତୀ

ରାଇଘର, ୨୪।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଶିଉନାପାଲି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର କେଜୁ ଗଣ୍ଡ। ଶୁକ୍ରବାର ରାତି ପ୍ରାୟ ୨ଟାରେ ଛତିଶଗଡ଼ ଆଡୁ ହାତୀପଲ ଶିଉନାପାଲି ଗାଁକୁ ପଶି ଶୋଇଥିବା କେଜୁଙ୍କୁ ଶୁଣ୍ଢରେ ଘରୁ ଟାଣିନେଇ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନିଆଁ ଦେଖାଇବା ସହ ବାଜା ବଜାଇ ୩୦ଟିକିଆ ବଣୁଆ ହାତୀ ପଲକୁ ଘଉଡ଼ାଇଥିବା ଗ୍ରାମବାସୀ କହିଛନ୍ତି। ଶନିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବଣୁଆ ହାତୀ କେଉଁ ପଟେ ଯାଇଛି ତାହା ଅନୁଧ୍ୟାନ କରୁଛି। ବନ ବିଭାଗ ପକ୍ଷରୁ ମୃତ କେଜୁଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତା ଦିଆଯାଇଛି। ରାଇଘର ରେଞ୍ଜର ତନୁଜା କାର୍ତ୍ତିକଙ୍କୁ ପଚାରିବାରୁ ୧୦ଟିକିଆ ହାତୀ ପଲ ଗାଁରେ ପଶିଥିବା ସନ୍ଦେହ କରାଯାଉଛି। ହାତୀପଲ ଏବେ ଛତିଶଗଡ଼ ମୁହାଁଇଛନ୍ତି ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ୨୨ ତାରିଖରେ ୩୦ରୁ ଊର୍ଦ୍ଧ୍ୱ ବଣୁଆ ହାତୀ ଛତିଶଗଡ଼ର ବୋରେଇ ଓ ସିହବା ଜଙ୍ଗଲ ରାସ୍ତାରେ ବୁଲୁଥିବା ଦେଖି ସେଠାକାର ବନ କର୍ମଚାରୀ ସେମାନଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ସେମାନେ ଓଡ଼ିଶାକୁ ପଶିଆସିଥିବା ସନ୍ଦେହ କରାଯାଉଛି। ହାତୀପଲକୁ ନ କାଢ଼ି ୨ ରାଜ୍ୟର ବନ ବିଭାଗ ଚୁପ୍ ଥିବାରୁ ଏଭଳି ଘଟିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

**PANCHAYAT SAMITI, RAIKIA, DIST.- KANDHAMAL**
Raikia, Kandhamal (ODISHA), PIN- 762101
Adv. No.-02/2022-23 Dt.: 22.12.2022

**TENDER CALL NOTICE**

Sealed tenders (Percentage rate) are invited from the interested 'B' / 'C'/ 'D' class contractors registered with the Govt. for execution of civil works under Panchayat Samiti, Raikia, Dist.- Kandhamal. The details notification is available at official website www.kandhamal.nic.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Raikia, Kandhamal. Proposal(s) complete in all respect should reach the undersigned on or before 2.00 P.M. of 06.01.2023 through Regd. / Speed Post and the same will be opened on 4.00 P.M. of 06.01.2023. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer, Raikia
Kandhamal

No.O-1485

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RWS&S DIVISION, RAYAGADA**
**E-mail: eerwssrgd@gmail.com, Phone- 8280408061**
**NATIONAL COMPETITIVE BIDDING THROUGH E-Procurement**
**Tender Identification No.09/RWSS/RGD/2022-23**

1) Name of Works:-
1) Retrofitting of 40 LPCD SBWS to Khambesi & Batudi under Muniguda Block of Rayagada District. 2) Total Number of Works :- 2 Nos. (Detailed list available in the website). 3) Estimated Cost :- Rs. 9.43 Lakhs to Rs.12.18 Lakhs. 4) Class of Contractor :- "C & D" Class. 5) Period of completion :- 6 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Rayagada | Online Tender/09/RWSS/ RGD/2022-23 | 31.12.2022 at 15.00 hours | 10.01.2023 upto 17.00 hours |

N.B.:- Further details can be seen from the website www.tendersodisha.gov.in

Sd./- 20.12.2022
Superintending Engineer, RWS&S.Division, Rayagada
OIPR-25007/11/0011/2223

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME**
**ST & SC DEVELOPMENT DEPARTMENT**
No.U-79
**PROGRAMME MANAGEMENT UNIT**
**2ND FLOOR, TDCC BUILDING, RUPALI SQUARE, BHUBANESWAR-751022**
**Notice No.4534 Date: 23.12.2022**
OPELIP

**EMPANELMENT OF PROJECT MANAGER FOR MPAs UNDER OPELIP**

Programme Director, OPELIP invites applications from eligible candidates for the Post of Project Manager to be positioned at different MPAs under OPELIP purely on contractual basis. Application form along with the detail ToR can be downloaded from the Website i.e. **www.opelip.org**. Last date of receipt of applications by **Speed Post/Registered Post/Courier Service only is dt.08.01.2023 up to 5.00 PM.**

Only short-listed candidates will be called for interview for empanelment. Programme Director, OPELIP reserves the right to accept or reject the applications without assigning any reason thereof.

Date: 23.12.2022
Place: Bhubaneswar

Sd./-
Programme Director
OIPR-26024/11/0011/2223




ଫୋନ୍: (୦୬୭୧) ୨୩୫୨୯୩୩

# ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

**ସା.: କୁଳିଆ, ପୋ.: ସୁନାଖଣ୍ଡି, ଜିଲ୍ଲା : କଟକ**

## ଖରିଫ ୨୦୨୨-୨୩ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା, ଜି.-କଟକ ପରିସୀମା ମଧ୍ୟରେ ବସବାସ କରୁଥିବା ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା ।

ଏତଦ୍ୱାରା କଟକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କଟକ ସଦର ଉପଖଣ୍ଡର ପ୍ରାଥମିକ କୃଷି/ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜିକରଣ କରିଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସୂଚିତ କରାଯାଉଅଛି କି ଯେ ଚଳିତ ୨୦୨୨-୨୩ ଖରିଫ ବିପଣନ ବର୍ଷ ନିମନ୍ତେ ତା ୨୧.୧୨.୨୦୨୨ ରିଖ ଠାରୁ କଟକ ସଦର ଉପଖଣ୍ଡର ୮୮ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୦୩ଟି କ୍ରୟ କେନ୍ଦ୍ରମାନଙ୍କରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା ଧାନ କ୍ରୟ କରିବାପାଇଁ ବ୍ୟବସ୍ଥା କରାଯାଇଅଛି । ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ ସଫାସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ । ଧାନ ଖାଦ୍ୟ ଉପଯୋଗି ଶୃଙ୍ଖଳା ପରିଷ୍କାର, ସମରଙ୍ଗୀ,ସମଆକାର, ଏକ କିସମ (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ ଚାଷୀ ଭାଇ ଓ ଭଉଣୀମାନେ ସିଧାସଳଖ ଖୋଲାଯାଇଥିବା ଧାନ କ୍ରୟ କେନ୍ଦ୍ରମାନଙ୍କରେ ନିଜର ବିକ୍ରିଯୋଗ୍ୟ ବଳକା ଧାନକୁ ବିକ୍ରି କରି ନିର୍ଦ୍ଧାରିତ ସରକାରୀ ଦର ପାଇବା ପାଇଁ ହକ୍‌ଦାର ହୁଅନ୍ତୁ ।

**ଧାନର ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା ।**
**ଚଳିତ ଖରିଫ ୨୦୨୨-୨୩ ବର୍ଷ ପାଇଁ ଏଫ.ଏ.କ୍ୟୁ ଧାନର ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପିଛା ଦର |
|---|---|
| ସାଧାରଣ କିସମ (ଏଫ.ଏ.କ୍ୟୁ) | ଟ. ୨୦୪୦.୦୦ |
| ଗ୍ରେଡ୍ 'ଏ' କିସମ | ଟ.୨୦୬୦.୦୦ |

**ସାଧାରଣ ଏଫ.ଏ.କ୍ୟୁ ଧାନର ମାନ**

| କ୍ର.ସଂ | ଧାନରେ ଗ୍ରହଣୀୟ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) |
|---|---|---|
| ୧. | (କ) ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| | (ଖ) କାଠି, କୁଟା, ଧୂଷ, ଅଗାଡ଼ି, ପୋଲା ଆଦି ଜୈବିକ ପଦାର୍ଥ | ୧.୦% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକରା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫.୦%* |
| ୩. | ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଂକୁଚିତ ଧାନ ଇତ୍ୟାଦି | ୩.୦% |
| ୪. | ସରୁ ଧାନରେ ମିଶିଥିବା ମୋଟା ଧାନ କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ ପ୍ରଯୁଜ୍ୟ | ୬.୦% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

କ୍ରୟ ବିକ୍ରୟ କେନ୍ଦ୍ର ପୂର୍ବାହ୍ନ ୮ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ ଦିନମାନଙ୍କରେ (ସରକାରୀ ଛୁଟି ଦିନ ବ୍ୟତୀତ) ଖୋଲା ରହିବ । କ୍ରୟ କେନ୍ଦ୍ରମାନଙ୍କରେ ଦିନ ୨ ଘଟିକା ପର୍ଯ୍ୟନ୍ତ ଆସିଥିବା ଧାନକୁ କେବଳ ଗ୍ରହଣ କରାଯିବ ।

**ଧାନ ବିକ୍ରୟ ବିଷୟରେ କେତୋଟି ଜାଣିବା କଥା :**

୧. ଧାନ କ୍ରୟ କେନ୍ଦ୍ରକୁ କେଉଁ ତାରିଖରେ କେଉଁ ପଞ୍ଜିକୃତ ଚାଷୀ କେତେ ପରିମାଣର ଧାନ ଆଣିବେ ସେଥିପାଇଁ ସେମାନଙ୍କୁ ମୋବାଇଲ (SMS) ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯିବ । ଏହି ତଥ୍ୟ ମଧ୍ୟ ସୋସାଇଟିରେ ଉପଲବ୍ଧ କରାଯାଉଛି ।
୨. କ୍ରୟ କେନ୍ଦ୍ରରେ ପ୍ରଥମେ ଧାନ ବିକ୍ରୟ କରିବାର ସୁଯୋଗ ଦିଆଯିବ ଓ ଏହିକ୍ରମରେ ଧାନ କ୍ରୟ କରାଯିବ ।
୩. ପ୍ରତି କ୍ରୟ ଦିବସରେ ସର୍ବାଧିକ ୧୦୦୦ କୁଇଣ୍ଟାଲ ଧାନ କ୍ରୟ କରାଯିବ ।
୪. ପଞ୍ଜିକୃତ ଚାଷୀମାନଙ୍କଠାରୁ ଘୋଷିତ ଅମଳ ହାର ଅନୁସାରେ ବଳକା ଧାନ କ୍ରୟ କରାଯିବ ।
୫. ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାର୍ଯ୍ୟ ଧାନ ନ ଆଣିପାରିଲେ ପରବର୍ତ୍ତୀ ସମୟରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ ନାହିଁ ।
୬. ଚଳିତ ଖରଫିରେ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପ୍ରେରଣ ଦିଗରେ ପବ୍ଲିକ୍ ଫାଇନାନ୍ସସିଆଲ ମେନେଜମେଣ୍ଟ ସିଷ୍ଟମ୍‌କୁ ଲାଗୁ କରାଯାଇଛି । ଧାନ ସଂଗ୍ରହ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ପ୍ରେରଣ ବ୍ୟବସ୍ଥା କରାଯାଇଛି ।
୭. ଚାଷୀଭାଇମାନେ ଧାନ ବିକ୍ରୟ କରିବା ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହୁଁଥିଲେ ନିଃଶୁଳ୍କ **ହେଲ୍‌ପ ଲାଇନ୍ ନଂ- ୧୯୬୭** କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଣ୍ଟ୍ରୋଲ ରୁମ୍ ଫୋନ୍ ନଂ **୦୬୭୧-୨୫୦୮୩୮୮-୨୫୦୭୭୪୪**ରେ ଯୋଗାଯୋଗ କରିପାରିବେ ।

ନିବେଦକ
ଉପଜିଲ୍ଲାପାଳ, ସଦର, କଟକ ତଥା
ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

## ଖରିଫ ୨୦୨୨-୨୩

| କ୍ର. ନଂ | ମଣ୍ଡଳର ନାମ | ଧାନ କ୍ରୟକାରୀ ସଂସ୍ଥାର ନାମ | ଧାନ କ୍ରୟ କେନ୍ଦ୍ରର ନାମ | ସଂଲଗ୍ନ ପଞ୍ଚାୟତର ନାମ | ଧାନ କ୍ରୟରଧାର୍ଯ୍ୟ ଦିନ |
|---|---|---|---|---|---|
| ୧. | କଟକ ସଦର | କନ୍ଦରପୁର (ଏଫ୍.ଏସ.ସି.ଏସ.) | କନ୍ଦରପୁର | କନ୍ଦରପୁର, ଆୟତପୁର, ଫକିରପଡା ଗ୍ରା.ପ. | ସୋମ/ବୁଧ/ଶନି |
| ୨. | ,, | ଦଧିବାମନପୁର (ଏସ.ସି.ଏସ.) | ଦଧିବାମନପୁର | ଦଧିବାମନପୁର, ବେଣ୍ଟକାର ଗ୍ରା.ପ. | ମଙ୍ଗଳବାର |
| ୩. | ,, | ଗତିରାଉତପାଟଣା (ଏସ.ସି.ଏସ.) | ଗତିରାଉତପାଟଣା (ବିରିବାଟୀ) | ଗତିରାଉତପାଟଣା, ନିମେଇସାପୁର, ପରମହଂସ ଗ୍ରା.ପ. | ମଙ୍ଗଳବାର |
| ୪. | ,, | ଜରିପଡ଼ା (ଏସ.ସି.ଏସ.) | ଜରିପଡ଼ା | ଉରାଳି ଗ୍ରା.ପ. | ସୋମବାର |
| ୫. | ,, | ଖଣ୍ଡେଇତା (ଏସ.ସି.ଏସ.) | ଖଣ୍ଡେଇତା | ଖଣ୍ଡେଇତା ଗ୍ରା.ପ. | ଶନିବାର |
| ୬. | ,, | କୁଳସରିଚୁଆଁ (ଏସ.ସି.ଏସ.) | କୁଳସରିଚୁଆଁ | କୁଳସରିଚୁଆଁ, କଳପଡ଼ା ଗ୍ରା.ପ. | ଶୁକ୍ରବାର |
| ୭. | ,, | ଅଡାଳିଆ (ଏସ.ସି.ଏସ.) | ଅଡ଼ାଳିଆ (ଫୁଲନଖରା) | ଆମଣ, କାଚରାମାଳ, ନୂଆପାଟଣା ଗ୍ରା.ପ. | ସୋମବାର |
| ୮. | ,, | ଅରିଲୋ (ଏସ.ସି.ଏସ.) | ଅରିଲୋ | ଅରିଲୋ, ସୋମପୁର, ଧରିଣା ଗ୍ରା.ପ. | ବୁଧ/ସୋମବାର |
| ୯. | ,, | କିଶନ ନଗର (ଏସ.ସି.ଏସ.) | କିଶନ ନଗର | କିଶନ ନଗର, ବାରଦା, ଯଶପଡ଼ା ଗ୍ରା.ପ. | ସୋମ/ବୁଧ/ଶୁକ୍ର |
| ୧୦. | ,, | ପ୍ରହରାଜପୁର (ଏସ.ସି.ଏସ.) | ପ୍ରହରାଜପୁର | ପ୍ରହରାଜପୁର, ବୋଧପୁର ଗ୍ରା.ପ. | ଶୁକ୍ରବାର |
| ୧୧. | ବାରଙ୍ଗ ବ୍ଲକ୍ | ଶ୍ରୀଜଗନ୍ନାଥ (ଏଫ୍.ଏସ.ସି.ଏସ.) | ବ୍ରାହ୍ମଣଝରିଲୋ | କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ ଗ୍ରା.ପ. | ଶନିବ/ସୋମବାର |
| ୧୨. | | ଶ୍ରୀ ଜଗନ୍ନାଥ (ଏଫ୍.ଏସ.ସିଏସ.) | ଅରଡ଼ିଆପଦା ସବ୍ ସେଣ୍ଟର | ନଗରୀ, ଉଖୁମା ଗ୍ରା.ପ. | ବୁଧବାର |
| ୧୩. | ,, | ରାମଦାସପୁର (ଏସ.ସି.ଏସ.) | ରାମଦାସପୁର | ରାମଦାସପୁର, କୁହ୍ନେଇପଡ଼ା ଗ୍ରା.ପ. | ସୋମବାର |
| ୧୪. | ,, | ହରିଅନ୍ତା (ଏସ.ସି.ଏସ.) | ଗବବସ୍ତ | ହରିଅନ୍ତା, ସାଇଁସୋ ଗ୍ରା.ପ. | ମଙ୍ଗଳ/ଶନିବାର |
| ୧୫. | ,, | ବେଲଗଛିଆ (ଏସ.ସି.ଏସ.) | ବେଲଗଛିଆ | ବେଲଗଛିଆ, ଶ୍ରୀବନ୍ତପୁର ଗ୍ରା.ପ. | ଶୁକ୍ରବାର |
| ୧୬. | ,, | ଖଲର୍ଦ୍ଧା (ଏସ.ସି.ଏସ.) | ଖଲର୍ଦ୍ଧା | ଖଲର୍ଦ୍ଧା, କୋରକରା, ଉଖୁମା ଗ୍ରା.ପ. | ବୁଧ/ଶନିବାର |
| ୧୭. | ,, | ଦାଢ଼ାପାଟଣା (ଏସ.ସି.ଏସ.) | ଦାଢ଼ାପାଟଣା | ଦାଢ଼ାପାଟଣା ଗ୍ରା.ପ. | ସୋମବାର |
| ୧୮. | ,, | ନରାଜ ମାର୍ଥାପୁର (ଏସ.ସି.ଏସ.) | ନରାଜ ମାର୍ଥାପୁର | ନରାଜ ମାର୍ଥାପୁର, ମୁଣ୍ଡଳୀ ଗ୍ରା.ପ. | ମଙ୍ଗଳବାର |
| ୧୯. | ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ | ଆଗ୍ରାହାଟ (ଏସ.ସି.ଏସ.) | ଆଗ୍ରାହାଟ | ବରହମପୁର, ନଖରା, ଆଗ୍ରାହାଟ ଗ୍ରା.ପ. | ଶୁକ୍ରବାର |
| ୨୦. | ,, | କଖଡ଼ି (ଏସ.ସି.ଏସ.) | କଖଡ଼ି | କଖଡ଼ି ଗ୍ରା.ପ. | ସୋମବାର |
| ୨୧. | ,, | ମଙ୍ଗରାଜପୁର (ଏସ.ସି.ଏସ.) | ମଙ୍ଗରାଜପୁର | ମଙ୍ଗରାଜପୁର ଗ୍ରା.ପ. | ବୁଧବାର |
| ୨୨. | ,, | ମଙ୍ଗରାଜପୁର (ଏସ.ସି.ଏସ) | ବଡ଼ସାମନ୍ତରାପୁର | ବଡ଼ସାମନ୍ତରାପୁର ଗ୍ରା.ପ. | ମଙ୍ଗଳବାର |
| ୨୩. | ,, | ମଙ୍ଗରାଜପୁର (ଏସ.ସି.ଏସ) | ଶଙ୍କରପୁର | ଶଙ୍କରପୁର ଗ୍ରା.ପ. | ଶନିବାର |
| ୨୪. | ,, | ମଙ୍ଗରାଜପୁର (ଏସ.ସି.ଏସ.) | ବରହମପୁର | ବରହମପୁର ଗ୍ରା.ପ. | ଶୁକ୍ରବାର |
| ୨୫ | . | ମଙ୍ଗରାଜପୁର (ଏସ.ସି.ଏସ.) | ମହିସାଲଣ୍ଡା | ମହିସାଲଣ୍ଡା | ସୋମବାର |
| ୨୬. | ,, | ହରିଅନ୍ତା (ଟାଙ୍ଗୀ) (ଏସ.ସି.ଏସ.) | ହରିଅନ୍ତା | ହରିଅନ୍ତା, ନପଙ୍ଗ ଗ୍ରା.ପ. | ମଙ୍ଗଳ/ଶୁକ୍ରବାର |
| ୨୭. | ,, | କୋଟସାହି (ଏସ.ସି.ଏସ.) | କୋଟସାହି | କୋଟସାହି, ଉଛପଡ଼ା ଗ୍ରା.ପ. | ଶନିବାର |
| ୨୮. | ,, | କୋଟସାହି (ଏସ.ସି.ଏସ.) | ଉଚ୍ଚପଦା | ଉଚ୍ଚପଦା ଗ୍ରାମପଂଚାୟତ | ସୋମବାର |
| ୨୯. | ,, | କନ୍ହେଇପୁର (ଏସ.ସି.ଏସ.) | ଭଗତପୁର | ଗରୁଡ଼ଗାଁ, ଉଛପଡ଼ା, ଶାଳଗାଁ, କନ୍ହେଇପୁର ଗ୍ରା.ପ. | ବୁଧ/ଶନିବାର |
| ୩୦. | ,, | ନଖରା (ଏସ.ସି.ଏସ.) | ନଖରା | ନଖରା, ଆଗ୍ରାହାଟ, ଶାଳଗାଁ ଗ୍ରା.ପ., ଚୌଦ୍ୱାର ମୁନିସିପାଲଟି | ମଙ୍ଗଳ/ଶୁକ୍ରବାର |
| ୩୧. | ,, | ଭଟିମୁଣ୍ଡା (ଏସ.ସି.ଏସ.) | ଭଟିମୁଣ୍ଡା | ଭଟିମୁଣ୍ଡା, ନପଙ୍ଗ, ଜରିପଡ଼ା ଗ୍ରା.ପ. | ଶୁକ୍ର/ବୁଧବାର |
| ୩୨ | ,, | ଭଟିମୁଣ୍ଡା (ଏସ.ସି.ଏସ) | କାଣି ଛକ | କାଣିଛକ ଗ୍ରାମପଂଚାୟତ | ସୋମବାର |
| ୩୩. | ,, | ଗୋବିନ୍ଦପୁର (ଏସ.ସି.ଏସ.) | ଗୋବିନ୍ଦପୁର | ଗୋବିନ୍ଦପୁର, ଜରିପଡ଼ା ଗ୍ରା.ପ. | ଶନିବାର |
| ୩୪. | ,, | ଗୋବିନ୍ଦପୁର (ଏସ.ସି.ଏସ.) | ମାଗୁରା | ମାଗୁରା ଗ୍ରାମପଂଚାୟତ | ସୋମବାର |
| ୩୫. | ,, | ଇନ୍ଦ୍ରାଣିପାଟଣା (ଏସ.ସି.ଏସ.) | ଇନ୍ଦ୍ରାଣିପାଟଣା (ଚଷାପଡ଼ା) | ଇନ୍ଦ୍ରାଣିପାଟଣା, କୟଳପଡ଼ା ଗ୍ରା.ପ. | ମଙ୍ଗଳବାର |
| ୩୬. | ,, | ସଫା (ଏସ.ସି.ଏସ.) | ସଫା | ସଫା, ଗରୁଡ଼ଗାଁ ଗ୍ରା.ପ. | ଶନି/ସୋମବାର |
| ୩୭. | ,, | ସଫା (ଏସ.ସି.ଏସ.) | କରଞ୍ଜି | କରଞ୍ଜି ଗ୍ରାମପଂଚାୟତ | ଶୁକ୍ରବାର |
| ୩୮. | ,, | ହଳଦୀ ବସନ୍ତ (ଏସ.ସି.ଏସ.) | ବିସିନାହାକାଣୀ | ଗରୁଡ଼ଗାଁ, ଶାଳଗାଁ, ବରହମପୁର, କନ୍ହେଇପୁର ଗ୍ରା.ପ. | ସୋମବାର |
| ୩୯. | ,, | ନିମପୁର (ଏସ.ସି.ଏସ.) | କପାଳେଶ୍ୱର | ଚୌଦ୍ୱାର ମୁନିସିପାଲିଟି, କଟକ ମୁନିସିପାଲିଟି | ବୁଧବାର |
| ୪୦ | ସାଲେପୁର ବ୍ଲକ୍ | ବହୁଗ୍ରାମ (ଏସ.ସି.ଏସ.) | ବହୁଗ୍ରାମ | ବହୁଗ୍ରାମ, ମହାଜନପୁର,ତେନ୍ତୋଳ ଗ୍ରା.ପ. | ମଙ୍ଗଳ/ଶନିବାର |
| ୪୧. | ,, | ମଧ୍ୟକଚ୍ଛ (ଏସ.ସି.ଏସ.) | ମଧ୍ୟକଚ୍ଛ | ମଧ୍ୟକଚ୍ଛ, ଚମ୍ପତି ଗ୍ରା.ପ. | ବୁଧ/ସୋମ/ଶନିବାର |
| ୪୨. | ,, | ରାଇସୁଙ୍ଗୁଡ଼ା (ଏସ.ସି.ଏସ.) | ରାଇସୁଙ୍ଗୁଡ଼ା | ରାଇସିଙ୍ଗୁଡ଼ା, ମିର୍ଜାପୁର, ପିକୋଳ ଗ୍ରା.ପ. | ଶୁକ୍ର/ସୋମବାର |
| ୪୩. | ,, | ରାମକୃଷ୍ଣପୁର (ଏସ.ସି.ଏସ.) | ରାମକୃଷ୍ଣପୁର (ମହଣ) | ରାମକୃଷ୍ଣପୁର, କଟରପା, ଓଡ଼ାସିଂହ, ରାମେଶ୍ୱର ଗ୍ରା.ପ. | ସୋମ/ବୁଧ/ଶନିବାର |
| ୪୪. | ,, | ରାମେଶ୍ୱର (ଏସ.ସି.ଏସ.) | ରାମେଶ୍ୱର | ରାମେଶ୍ୱର, ନରଦା ଗ୍ରା.ପ. | ଶନିବାର |
| ୪୫. | ,, | ରାମେଶ୍ୱର (ଏସ.ସି.ଏସ.) | ମାଳଶାସନ | ମାଳଶାସନ ଗ୍ରା.ପ. | ଶୁକ୍ରବାର |
| ୪୬ | ,, | ଏସ. ଚନ୍ଦ୍ରାଦେଇପୁର(ଏସ.ସି.ଏସ.) | ଏସ. ଚନ୍ଦ୍ରାଦେଇପୁର | ଚନ୍ଦ୍ରାଦେଇପୁର, ବରିଗୋଳ, ପିକୋଳ ଗ୍ରା.ପ. | ଶନି/ବୁଧବାର |
| ୪୭. | ,, | ଗୋପୀନାଥପୁର (ଏସ.ସି.ଏସ.) | ଗୋପୀନାଥପୁର | ସଉରୀ, ଗୋପିନାଥପୁର, ନାନ୍ଦୋଳ, ରାମେଶ୍ୱର,ବହୁଗ୍ରାମ ଗ୍ରା.ପ. | ସୋମ/ବୁଧ/ଶନିବାର |
| ୪୮. | ,, | ପୁରୁଣା ହାଟ (ଏସ.ସି.ଏସ.) | ପୁରୁଣା ହାଟ | ପୁରୁଣାହାଟ, ସୁଧଖଣ୍ଡ, ରଟିଲୋ, ତରିତୋ ଗ୍ରା.ପ. | ମଙ୍ଗଳବାର |
| ୪୯. | ,, | ସଉରୀ (ଏସ.ସି.ଏସ.) | ସଉରୀ (ନାନ୍ଦୋଳ) | ସଉରୀ, ନାନ୍ଦୋଳ ଗ୍ରା.ପ. | ବୁଧ/ଶନିବାର |
| ୫୦. | ,, | ପଦ୍ମପୁର (ଏସ.ସି.ଏସ.) | ପଦ୍ମପୁର | ମୁତାରିଫା, ତ୍ରିଲୋଚନପୁର, ମହାଜନପୁର ଗ୍ରା.ପ. | ମଙ୍ଗଳ/ ଶନିବାର |
| ୫୧. | ,, | ଶିଶୁଆ (ଏସ.ସି.ଏସ.) | ଶିଶୁଆ | ଶିଶୁଆ, ବାଲିସାହି, ନଇଗୁଆଁ, ଛାଣିପୁର ଗ୍ରା.ପ. | ଶୁକ୍ର/ସୋମ/ମଙ୍ଗଳ |
| ୫୨. | ,, | ଭୀମଦାସପୁର (ଏସ.ସି.ଏସ.) | ଭୀମଦାସପୁର | ଭୀମଦାସପୁର, ସିଡ଼ୋ, ଛାଣିପୁର, ଓଡ଼ସିଂହ, ମିର୍ଜାପୁର ଗ୍ରା.ପ. | ସୋମ/ବୁଧ/ଶନି |
| ୫୩. | ମାହାଙ୍ଗା ବ୍ଲକ୍ | ସମସାରପୁର (ଏସ.ସି.ଏସ.) | କଇଥ | ବାଜପୁର, ମଧୁପୁର, କୁଣ୍ଡି ଗ୍ରା.ପ. | ଶନି/ବୁଧବାର |
| ୫୪. | ,, | ମଉଦା (ଏସ.ସି.ଏସ.) | ମଉଦା | ମଉଦା, ଭେଡ଼ା, ଆନନ୍ଦପୁର ଗ୍ରା.ପ. | ସୋମ/ଶୁକ୍ରବାର |
| ୫୫. | ,, | ମୂଳବସନ୍ତ (ଏସ.ସି.ଏସ.) | କୋଳିଅଠା | କୋଳିଅଠା, ମଧୁପୁର, ବାସୁଦେବପୁର, ମଳବସନ୍ତ, କୁହୁଣ୍ଡା | ସୋମବାର |
| ୫୬. | ,, | କୁଣ୍ଡି (ଏସ.ସି.ଏସ.) | କୁଣ୍ଡି (କୁହୁଣ୍ଡା ଗ୍ରା.ପ. ପ୍ରାଥମିକ) | କୁଣ୍ଡି ଗ୍ରାମପଂଚାୟତ | ସୋମ/ବୁଧ/ଶୁକ୍ର |
| ୫୭. | ,, | ନାହଙ୍ଗ (ଏସ.ସି.ଏସ.) | ନାହଙ୍ଗ | ନାହଙ୍ଗ, ଉମର | ମଙ୍ଗଳ/ଶୁକ୍ରବାର |
| ୫୮. | ,, | ଗୋପାଳପୁର (ଏସ.ସି.ଏସ.) | ଭଦ୍ରେଶ୍ୱର | ଗୋପାଳପୁର, କୁରୁଜଙ୍ଗ, ଭଦ୍ରେଶ୍ୱର ଗ୍ରା.ପ. | ଶନି/ବୁଧବାର |
| ୫୯. | ,, | କୁସୁପୁର (ଏସ.ସି.ଏସ.) | ଶୋରଳ | ଲଳିତଗିରି, କୁସୁପୁର (ଅଂଶ) ଗ୍ରା.ପ. | ସୋମ/ବୁଧ/ଶନି |
| ୬୦. | ,, | ରାହାଣିଆ (ଏସ.ସି.ଏସ.) | ମାଟିପାରିଲୋ | ରାହାଣିଆ,କୁସୁପୁର(ଅଂଶ),ଶ୍ରୀକୃଷ୍ଣପୁର(ଅଂଶ),ପାଇକରାପୁର(ଅଂଶ) ଗ୍ରା.ପ. | ମଙ୍ଗଳ/ଶନିବାର |
| ୬୧. | ,, | ପଲ୍ଲୀସାହି (ଏସ.ସି.ଏସ.) | ଶୁକ୍ଳେଶ୍ୱର | ଗୋକନ, ପଲ୍ଲୀସାହି, ଭଉଁରିଆ, ଓସଙ୍ଗ, ବରାହିପୁର ଗ୍ରା.ପ. | ଶନି/ସୋମ/ବୁଧ |
| ୬୨. | ,, | ହଳଦିଆ (ଏସ.ସି.ଏସ.) | ହଳଦିଆ (ସିଦ୍ଧିପୁର) | ହଳଦିଆ, ପୋଡ଼ାମରାଇ, ପାଇକରାପୁର (ଅଂଶ) ଗ୍ରା.ପ. | ଶୁକ୍ର/ସୋମବାର |
| ୬୩. | ,, | ମାହାଙ୍ଗା (ଏସ.ସି.ଏସ.) | ମାହାଙ୍ଗା | ଚାହାପଡ଼ା, ପଲ୍ଲିସାହି, ଭଉଁରିଆ, ଜଳେଶ୍ୱରପୁର, ଗ୍ରା.ପ. | ମଙ୍ଗଳ/ଶନିବାର |
| ୬୪. | ,, | ନୃତାଙ୍ଗ (ଏସ.ସି.ଏସ.) | ନୃତାଙ୍ଗ | ନୃତାଙ୍ଗ, ଜଳେଶ୍ୱରପୁର,ଶ୍ରୀକୃଷ୍ଣପୁର, ଆନନ୍ଦପୁର, ଚାହାପଡ଼ା ଗ୍ରା.ପ. | ସୋମବାର |
| ୬୫. | . | ନୃତାଙ୍ଗ (ଏସ.ସି.ଏସ.) | ଜଳେଶ୍ୱରପୁର | ନୃତାଙ୍ଗ, ଝଁକୋଟି,ବରାଡିଆ,ଏସ. ଖରତଙ୍ଗା,ବାଁରୋ,ଅଳସରା,ଇନ୍ଦକଂଟିକିଆରି | ଶନିବାର |
| ୬୬. | . | ଶ୍ରୀ ଜଗନ୍ନାଥ (ଏସ.ଏସ.ଜି.) | ଗୋବିନ୍ଦପୁର | | ଶୁକ୍ରବାର |
| ୬୭. | ନିଆଳି ବ୍ଲକ୍ | ମାଧବ (ଏସ.ସି.ଏସ.) | ମାଧବ | ମାଧବ, ରତନପୁର, କୃଷ୍ଣପ୍ରସାଦ ଗ୍ରା.ପ. | ଶୁକ୍ର/ସୋମ/ବୁଧ |
| ୬୮. | ,, | ନିଆଳି (ଏସ.ସି.ଏସ.) | ନିଆଳି | ନିଆଳି, ନୂଆଗାଁ, କଲାରପୁର ଗ୍ରା.ପ. | ଶୁକ୍ର/ମଙ୍ଗଳବାର |
| ୬୯. | ,, | କପାସି (ଏସ.ସି.ଏସ.) | କପାସି | କପାସି, କଲାରପୁର ଗ୍ରା.ପ. | ମଙ୍ଗଳବାର |
| ୭୦ | ,, | କପାସି (ଏସ.ସି.ଏସ.) | ପୋଦନା | କପାସି, ମାଧବ ଗ୍ରା.ପ. | ବୁଧବାର |
| ୭୧ | . | କପାସି (ଏସ.ସି.ଏସ.) | ଶଡାଂଶ | ଶଡାଂଶ, ପାଟେଳି, କଂଟିଶାଳ, କରାଙ୍ଗ | ଶୁକ୍ରବାର |
| ୭୨. | ,, | ବାହାରଣା (ଏସ.ସି.ଏସ.) | ବାହାରଣା (ବଗଲଗଡ଼) | ବାହାରଣା, ପୋଖରୀଗାଁ ଗ୍ରା.ପ. | ସୋମ/ଶୁକ୍ରବାର |
| ୭୩ | ,, | ବାହାରଣା (ଏସ.ସି.ଏସ.) | ଶଗଡ଼ାଇଲୋ | ଶଗଡ଼ାଇଲୋ ଗ୍ରାମପଂଚାୟତ | ମଙ୍ଗଳବାର |
| ୭୪. | ,, | ଅଁଲୋ (ଏସ.ସି.ଏସ.) | ଅଁଲୋ | ଅଁଲୋ, ନୂଆଗାଁ ଗ୍ରା.ପ. | ବୁଧ/ସୋମବାର |
| ୭୫. | ,, | ବିଳାସୁଣୀ (ଏସ.ସି.ଏସ.) | ବିଳାସୁଣି | ବିଳାସୁଣୀ, ଅଲଣା,ଅଁଲୋ, ବାହାରଣା, ପୋଖରୀଗାଁ ଗ୍ରା.ପ. | ସୋମ/ବୁଧ/ଶୁକ୍ର |
| ୭୬. | ,, | ପହଙ୍ଗା (ଏସ.ସି.ଏସ.) | ପହଙ୍ଗା | ପହଙ୍ଗା, ତିହୁଡ଼ି ଗ୍ରା.ପ. | ଶନି/ମଙ୍ଗଳବାର |
| ୭୭. | ,, | ବିନିସପୁର (ଏସ.ସି.ଏସ.) | ବିନିସପୁର(ନୂଆ ବେତେଣ୍ଡା) | ବିନିସପୁର, କୃଷ୍ଣପ୍ରସାଦ, ନିବାରଣ ଗ୍ରା.ପ. | ବୁଧ/ଶନିବାର |
| ୭୮. | ,, | ଏରଂଚ (ଏସ.ସି.ଏସ.) | ଏରଂଚ | ଏରଂଚ ଗ୍ରା.ପ. | ମଙ୍ଗଳ/ଶନିବାର |
| ୭୯. | ,, | ସିଠାଲୋ (ଏସ.ସି.ଏସ.) | ସିଠାଲୋ | ସିଠାଲୋ, ଏକବରୁଆଁ, ଶଗଡ଼ାଇଲୋ ଗ୍ରା.ପ. | ଶୁକ୍ର/ସୋମବାର |
| ୮୦. | ,, | ରାଣୀଓଳା (ଏସ.ସି.ଏସ.) | ରାଣୀଓଳା | ରାଣୀଓଳା, କର୍ସଦା ଗ୍ରା.ପ. | ସୋମ/ବୁଧ/ଶୁକ୍ର |
| ୮୧. | କଣ୍ଟାପଡ଼ା ବ୍ଲକ୍ | ବ୍ରାହ୍ମଣସାଇଲୋ (ଏସ.ସି.ଏସ.) | ବ୍ରାହ୍ମଣସାଇଲୋ | ବ୍ରାହ୍ମଣସାଇଲୋ, ବ୍ରାହ୍ମଣବାଟି, ପୋସ୍ତାଳ, ବଡ଼ପାଟସୁନ୍ଦରପୁର, ଝାରପଡ଼ା ଗ୍ରା.ପ. | ମଙ୍ଗଳବାର |
| ୮୨. | ,, | ବ୍ରାହ୍ମଣସାଇଲୋ (ଏସ.ସି.ଏସ.) | ବ୍ରାହ୍ମଣବାଟି | ବ୍ରାହ୍ମଣବାଟି, ପୋସ୍ତଳ ଗ୍ରା.ପ. | ଶନି/ବୁଧବାର |
| ୮୩. | ,, | କଣ୍ଟାପଡ଼ା (ଏସ.ସି.ଏସ.) | କଣ୍ଟାପଡ଼ା | କଣ୍ଟାପଡ଼ା, ବାଗଲପୁର, ଉରାଢ, ବ୍ରାହ୍ମଣସାଇଲୋ ଗ୍ରା.ପ. | ସୋମ/ବୁଧବାର |
| ୮୪. | ,, | ଅଡ଼ଶପୁର (ଏସ.ସି.ଏସ.) | ଅଡ଼ଶପୁର | ଅଡ଼ଶପୁର, ଉରାଢ, ଗ୍ରା.ପ. | ସୋମ/ଶୁକ୍ରବାର |
| ୮୫. | ,, | ନାହାଳପୁର (ଏସ.ସି.ଏସ.) | ନାହାଳପୁର | ନାହାଳପୁର, ନୂଆଗାଁ ଗ୍ରା.ପ. | ଶୁକ୍ର/ମଙ୍ଗଳବାର |
| ୮୬. | ,, | ବରୁଣେଇ (ଏସ.ସି.ଏସ.) | ବରୁଣେଇ (ବଡ଼ପାଟସୁନ୍ଦରପୁର) | ବଡ଼ପାଟସୁନ୍ଦରପୁର, ଝାରପଡ଼ା ଗ୍ରା.ପ. | ଶନି/ସୋମ/ବୁଧ |
| ୮୭. | ,, | ଗୋବିନ୍ଦପୁର (ଏସ.ସି.ଏସ.) | ଗୋବିନ୍ଦପୁର | ଗୋବିନ୍ଦପୁର, ନୂଆଗାଁ ଗ୍ରା.ପ. | ମଙ୍ଗଳବାର |
| ୮୮. | ,, | ଉତ୍ତାରଣ (ଏସ.ସି.ଏସ.) | ଉତ୍ତାରଣ | ଉତ୍ତାରଣ, ଡିମିରି, ଉରାଡ ଗ୍ରା.ପ. | ବୁଧ/ଶନିବାର |
| ୮୯. | ନିଶ୍ଚିନ୍ତକୋଇଲି | ନିଶ୍ଚିନ୍ତକୋଇଲି (ଏସ.ସି.ଏସ.) | ନିଶ୍ଚିନ୍ତକୋଇଲି | ନିଶ୍ଚିନ୍ତକୋଇଲି, ନଟକାଇ, ବୁହାଲୋ ଗ୍ରା.ପ. | ଶନିବାର |
| ୯୦. | ,, | ଅସୁରେଶ୍ୱର (ଏସ.ସି.ଏସ.) | ଅସୁରେଶ୍ୱର | ଅସୁରେଶ୍ୱର, କେନ୍ତାଲୋ, କଟିକଟା, ସୁକରପଡ଼ା ଗ୍ରା.ପ. | ସୋମ/ଶୁକ୍ରବାର |
| ୯୧. | ,, | ବନ୍ଧକାଟିଆ (ଏସ.ସି.ଏସ.) | ବନ୍ଧକାଟିଆ | ବନ୍ଧକାଟିଆ, ତିଳକଣା, ବାଲିଆପଡ଼ା ଗ୍ରା.ପ. | ମଙ୍ଗଳ/ଶୁକ୍ରବାର |
| ୯୨. | ,, | ଶୁକରପଡ଼ା (ଏସ.ସି.ଏସ.) | ଶୁକରପଡ଼ା | ଶୁକରପଡ଼ା, ପାତ୍ରପଡ଼ା, କେନ୍ତାଲୋ, କଟିକଟା ଗ୍ରା.ପ. | ବୁଧ/ଶନିବାର |
| ୯୩. | ,, | ପଲ୍ଲୀଶ୍ରୀ (ଏସ.ସି.ଏସ.) | ପାଇକରାପୁର | ଫୋଗଲ, ଜୟରାମପୁର, ରାମକୃଷ୍ଣପୁର ଗ୍ରା.ପ. | ଶୁକ୍ରବାର |
| ୯୪. | ,, | କଳମଶ୍ରି ଜୟନ୍ତପୁର (ଏସ.ସି.ଏସ.) | ଦାମୋଦରପୁର | ଜନାର୍ଦ୍ଦନପୁର, କଳମିଶ୍ରି ଗ୍ରା.ପ. | ସୋମବାର |
| ୯୫. | ,, | କେନ୍ଦୁପାଟଣା (ଏସ.ସି.ଏସ.) | କେନ୍ଦୁପାଟଣା | କେନ୍ଦୁପାଟଣା, କୋଲଣପୁର, ବୁହାଲୋ, ବରାଦୋ, ଜିଗ୍ନିପୁର ଗ୍ରା.ପ. | ବୁଧ/ଶୁକ୍ର/ଶନି |
| ୯୬. | ,, | ଅଚ୍ୟୁତାନନ୍ଦ (ଏସ.ସି.ଏସ.) | ଓରିକଂଟା | ନେମାଳୋ, ସାଆନ୍ତପୁର, ବନ୍ଧୁପୁର ଗ୍ରା.ପ. | ମଙ୍ଗଳ/ଶୁକ୍ରବାର |
| ୯୭. | ,, | ବାଲିଆପଡ଼ା (ଏସ.ସି.ଏସ.) | ବାଲିଆପଡ଼ା (ବୋଧଗାଁ) | ବାଲିଆପଡ଼ା, ସରପଡ଼ା, ବୁହାଲୋ ଗ୍ରା.ପ. | ଶୁକ୍ରବାର |
| ୯୮. | ,, | ନଗସପୁର (ଏସ.ସି.ଏସ.) | ନଗସପୁର | ନଗସପୁର, ଝାଡେଶ୍ୱରପୁର,ପାଳଦା ଗ୍ରା.ପ. | ଶନିବାର |
| ୯୯. | ,, | ଓର୍ଣ୍ଣା (ଏସ.ସି.ଏସ.) | ଓର୍ଣ୍ଣା | ଓର୍ଣ୍ଣା, ଜମରା, ଚରତ ଶାସନ, କେରିଲୋ ଗ୍ରା.ପ. | ସୋମ/ଶୁକ୍ରବାର |
| ୧୦୦. | ,, | ଉତ୍ତରକୁଳ (ଏସ.ସି.ଏସ.) | ଉତ୍ତରକୁଳ | ଉତ୍ତରକୁଳ, ବାବୁଜଙ୍ଗ, ମଣିଜଙ୍ଗ, ମହମଦପୁର ଗ୍ରା.ପ. | ମଙ୍ଗଳବାର |
| ୧୦୧. | ,, | ନରେନ୍ଦ୍ରପୁର (ଏସ.ସି.ଏସ.) | ଦାଉଦପୁର | ନରେନ୍ଦ୍ରପୁର, ଦାଉଦପୁର ଗ୍ରା.ପ. | ଶନି/ମଙ୍ଗଳବାର |
| ୧୦୨ | ,, | ଶିର୍ଲୋ (ଏସ.ସି.ଏସ.) | କେନ୍ତାଲୋ | ମାନପୁର, ଶିର୍ଲୋ, ଇସାଣି ବରହମପୁର ଗ୍ରା.ପ. | ସୋମ/ଶୁକ୍ରବାର |
| ୧୦୩. | ,, | ବଳଦେବଜୀଉ (ଏସ.ସି.ଏସ.) | ଜିଗିନପୁର | ଜିଗିନପୁର, ବରାଦୋ ଗ୍ରା.ପ. | ସୋମ/ଶୁକ୍ରବାର |

